ଧରିତ୍ରୀ DHARITRI
ମଙ୍ଗଳବାର, ୧୧ ଅକ୍ଟୋବର, ୨୦୨୨



## ସଂକ୍ଷେପରେ

### ଖୁଡୁଖୁଡ଼ି ଖେଳ ଚାଲିଥିବାବେଳେ ଚଢ଼ାଉ, ୫ ଗିରଫ

ଡାବୁଗାଁ, ୧୦।୧୦(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ପୋଲିସ ରବିବାର ରାତିରେ ଖୁଡୁଖୁଡ଼ି ଖେଳ ଉପରେ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଧୋଡ୍ରା ଗ୍ରାମର ବୈଦୁ ଚାଲାଣ, ମଙ୍ଗୁଲୁ ହରିଜନ ଓ ହରିଶ୍ଚନ୍ଦ୍ର ମାହାରା, ବୋରିଗାଁ ଗ୍ରାମର ଭସମନ କୁମ୍ଭାର ଓ ଡଙ୍ଗରିଗୁଡା ଗ୍ରାମର ପଦମ ମାଳୀ। ସୂଚନାନୁଯାୟୀ, ରବିବାର ରାତିରେ ପୋଲିସ ପାଟ୍ରୋଲିଂ କରିବା ସମୟରେ ବୋରିଗାଁରେ ଖୁଡୁଖୁଡ଼ି ଖେଳ ଚାଲିଥିବା ସମ୍ପର୍କରେ ଖବର ପାଇଥିଲା। ପଞ୍ଚାୟତ କାର୍ଯ୍ୟାଳୟ ପଛପଟେ ଖେଳ ଚାଲିଥିବାବେଳେ ପୋଲିସ ସେଠାରେ ପହଞ୍ଚି ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨୦ ହଜାର ୪ ଶହ ଟଙ୍କା, ପାଲି, ଗୋଟି ଜବତ କରାଯାଇଛି। ଏନେଇ ଥାନା କେସ୍ ନଂ . ୧୫୩/୨୨ରେ ଏକ ମାମଲା ରୁଜୁ କରାଯାଇଛି। ଏହି ଚଢ଼ାଉରେ ଏଏସ୍ଆଇ ବିଜୟ କୁମାର ସାହୁ, ଶିଶିରକାନ୍ତ ଘୋଷ ଏବଂ ପୋଲିସ କର୍ମଚାରୀ ସାମିଲ ଥିଲେ।

### ମଞ୍ଚନାଟକ, ଗୀତିନାଟ୍ୟ ନିର୍ଦ୍ଦେଶକ ଅବନୀକାନ୍ତ ଦାଶଙ୍କ ପରଲୋକ

ନନ୍ଦାହାଣ୍ଡି/ନବରଙ୍ଗପୁର,୧୦।୧୦,(ଡି.ଏନ.ଏ./ବି.ପ୍ର.) ମଞ୍ଚନାଟକ ଏବଂ ଗୀତିନାଟ୍ୟର ନିର୍ଦ୍ଦେଶନା ଦେଇ ଜିଲାରେ ସୁନାମ ଅର୍ଜନ କରିଥିବା କଳାକାର ଅବନୀକାନ୍ତ ଦାଶଙ୍କର ମୃତ୍ୟୁ ହୋଇଛି। ସେ ପୂର୍ବରୁ ଜୟପୁର ଆକାଶବାଣୀରେ ମଧ ବହୁ କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରି ଚର୍ଚ୍ଚିତ ଥିଲେ। ଜିଲାର ଜଣେ ଦକ୍ଷ ଆଇନଜୀବୀଭାବେ ତାଙ୍କର ପରିଚୟ ଥିଲା। ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଦହଣାରେ ନିଜ ବାସଭବନରେ ହୃଦ୍ଘାତରେ ୪୮ ବର୍ଷ ବୟସରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ପୂର୍ବତନ ଏମ୍ପି ତଥା ସ୍ୱତନ୍ତ୍ର ବିକାଶ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝି, ରାଜ୍ୟ ଆଦିବାସୀ କଂଗ୍ରେସ କମିଟି ସଭାପତି ଭୁଜବଳ ମାଝି, ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ନବରଙ୍ଗପୁର ବ୍ଲକ କଂଗ୍ରେସ ସଭାପତି ଅବଦୁଲ ଫିରୋଜ, ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ଜିଲା ଆଦିବାସୀ କଲ୍ୟାଣ ଜନମୋର୍ଚ୍ଚା ଉପଦେଷ୍ଟା ଏବଂ ଆଦିବାସୀ ଜନଜାତି ସୁରକ୍ଷା ମଞ୍ଚ ଜିଲା ସଭାପତି ଦିବାକର ପୂଜାରୀ ଶୋକସନ୍ତପ୍ତ ପରିବାରକୁ ଭେଟିଛନ୍ତି। ପରିବାର ସଦସ୍ୟ, ରାଜନେତା ଓ ଜିଲାର ଅନେକ କଳାକାରଙ୍କ ଉପସ୍ଥିତିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ନବରଙ୍ଗପୁର ବାର୍ ଆସୋସିଏସନରେ ଏକ ଶୋକସଭା ପାଳନ କରାଯାଇଛି। ଗୋଟିଏ ଦିନ କୋର୍ଟ କାର୍ଯ୍ୟ ବନ୍ଦ ରହିଛି। ସଂଘ ସଭାପତି ନରସିଂହ ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ସ୍ମୃତିସଭାରେ ଜଜ୍ ସଞ୍ଜୀବ ଦୁବେ, ପରିବାର ଅଦାଲତ ବିଚାରପତି ଡ. ମୁନ୍ରାଣୀ ମିଶ୍ର, ଅତିରିକ୍ତ ଜିଲା ଜଜ୍ (ପୋକ୍ସୋ) ପ୍ରଣତି ସାହା, ଅତିରିକ୍ତ ଜିଲା ଜଜ୍ ଆଡହକ୍ ସଞ୍ଜୟ ସାହୁ, ଅତିରିକ୍ତ ଜିଲା ଜଜ୍ ଶିବପ୍ରସାଦ ମିଶ୍ର, ରେଜିଷ୍ଟ୍ରାର ସୁକାନ୍ତ କିଶୋର ଜେନା, ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ଜନକ ରାଉତ, ବରିଷ୍ଠ ଦେୱାନୀ ବିଚାରପତି ଅନ୍ନପୂର୍ଣ୍ଣା ନାୟକ, ଏସ୍ଡିଜେଏମ୍ ପ୍ରଜ୍ଞା ପଣ୍ଡା ଓ ଜିଲା ଆଇନଜୀବୀ ସଂଘ ସମ୍ପାଦକ ରାମପ୍ରସାଦ ପାତ୍ର ମଞ୍ଚାସୀନ ଥିଲେ। ଅମର ଆତ୍ମାଙ୍କ ସଦ୍ଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘ ଉପସଭାପତି ବିଧୁଶେଖର ତ୍ରିପାଠୀ, ଶ୍ୟାମପ୍ରସାଦ ଗନ୍ତାୟତ, ଝାଡ଼େଶ୍ୱର ଖାଡଙ୍ଗା, ମାନସ ତ୍ରିପାଠୀ, ସିରାଜୁଦ୍ଦିନ ଅହମ୍ମଦ, ସନ୍ତୋଷ ମିଶ୍ର ପ୍ରମୁଖ ସ୍ମୃତି ଚାରଣ କରିଥିଲେ।

### ଉପଯୁକ୍ତ ହିତାଧିକାରୀଙ୍କୁ ମିଳୁନି ଭତ୍ତା

ଦଶମନ୍ତପୁର,୧୦।୧୦( ଡି.ଏନ.ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତର କୁମ୍ଭାରସାହିର ଜଣେ ହିତାଧିକାରୀଙ୍କୁ ଭତ୍ତା ମିଳି ନ ଥିବା ଅଭିଯୋଗ ହୋଇଛି। ସେ ହେଲେ କୁମ୍ଭାରସାହିର ସନୁ ନାୟକ (୮୫)। ସ୍ତ୍ରୀ ସେବତୀ ଓ ଝିଅ ଶଶୀଙ୍କୁ ନେଇ ସନୁଙ୍କ ପରିବାର। ଝିଅ ନବରଙ୍ଗପୁର ଜିଲା ଇନ୍ଦ୍ରାବତୀରେ ବିବାହ କରିବା ପରେ ସ୍ତ୍ରୀଙ୍କ ପରଲୋକ ହୋଇଥିଲା। ପୁତୁରା ପୀତବାସ ତାଙ୍କ ସେବାଶୁଶ୍ରୁସା କରି ଆସୁଛନ୍ତି। ସରକାରଙ୍କ ପକ୍ଷରୁ ମିଳୁଥିବା ବାର୍ଦ୍ଧକ୍ୟ ଭତ୍ତା ସେ ଏଯାଏ ପାଇନାହାନ୍ତି। ୫ ବର୍ଷ ଭିତରେ ସେ ୭ ଥର ଏହି ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆବେଦନ କରିଥିଲେ ହେଁ ଏଯାଏ ତାଙ୍କୁ କିଛି ସୁଫଳ ମିଳିନାହିଁ ବୋଲି ସେ କହିଛନ୍ତି। ଦଶମନ୍ତପୁର ବ୍ଲକରେ ଏପରି କେତେକ ହିତାଧିକାରୀ ଅଛନ୍ତି, ଯେଉଁମାନଙ୍କ ଭତ୍ତା ପାଇବାକୁ ବୟସ ହୋଇ ନ ଥିଲେ ସୁଦ୍ଧା ଭତ୍ତା ପାଉଛନ୍ତି। ମାତ୍ର ଭତ୍ତା ପାଇବାକୁ ଯୋଗ୍ୟ ହିତାଧିକାରୀ ଏଯାଏ ଭତ୍ତା ପାଉ ନ ଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କ ବୟସ ୮୫ ହୋଇଥିବା ବେଳେ ତ୍ରୁଟି ଯୋଗୁ ଆଧାର କାର୍ଡରେ ୬୮ ଦର୍ଶାଯାଇଥିବା ସୋନୁ କହିଛନ୍ତି। ୮୫ ବର୍ଷୀୟ ସନୁଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଗୌତମ ଖୋସଲାଙ୍କୁ ପଚାରିବାରୁ ସେ କହିଲେ, ସୋନୁ ମୋତେ ଆବଶ୍ୟକ ପ୍ରମାଣପତ୍ର ଦିଅନ୍ତୁ ମୁଁ ତାଙ୍କ ଭତ୍ତା କରାଇଦେବି।

# ନବରଙ୍ଗପୁରକୁ ପୁଣି ଫେରିଲା ଝାଡ଼ାବାନ୍ତି, ଜଣେ ମୃତ

■ ନନ୍ଦାହାଣ୍ଡିରେ ଆକ୍ରାନ୍ତଙ୍କ ସଂଖ୍ୟା ୧୬କୁ ବୃଦ୍ଧି
■ ପାପଡ଼ାହାଣ୍ଡିରେ ୩ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି
■ ଡାକ୍ତରୀ ଟିମ୍ ପହଞ୍ଚି ଜଳ ନମୁନା ସଂଗ୍ରହକରି ଲୋକଙ୍କୁ ସଚେତନ କରାଉଛି

ପାପଡ଼ାହାଣ୍ଡି/ନବରଙ୍ଗପୁର, ୧୦।୧୦(ଡି.ଏନ୍.ଏ./ବି.ପ୍ର.)

କିଛିଦିନର ବ୍ୟବଧାନ ପରେ ନବରଙ୍ଗପୁର ଜିଲାକୁ ପୁଣି ଫେରିଲା ଝାଡ଼ାବାନ୍ତି। ୩ଦିନ ମଧ୍ୟରେ ନନ୍ଦାହାଣ୍ଡି ବ୍ଲକରେ ୧୬ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏବେ ପାପଡ଼ାହାଣ୍ଡି ବ୍ଲକ ସୋରିଷପଦରରେ ମଧ ଝାଡ଼ାବାନ୍ତି ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସୋମବାର ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ଏଥିସହ ୩ଜଣ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସିରିଷ ପଞ୍ଚାୟତ ସୋରିଷପଦରର ଟଙ୍କଧର ଭତରା ରବିବାର ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଏହାପରେ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ତାଙ୍କ ଚିକିତ୍ସା ଚାଲିଥିଲା। ଏହା ମଧ୍ୟରେ ସୋମବାର ଭୋରରୁ ଟଙ୍କଧରଙ୍କ ସ୍ତ୍ରୀ ତୁଳାବତୀ ମଧ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ୩ଥର ଝାଡ଼ା ହେବାପରେ ସେ ଆଉ ଉଠିପାରି ନ ଥିଲେ। ପରିବାର ଲୋକେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ।


ଗାଁରେ ଡାକ୍ତରୀ ଟିମ୍ ଲୋକଙ୍କୁ ସଚେତନ କରୁଛି।

ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହୋଇଥିଲା। ଏହାମଧ୍ୟରେ ତୁଳାବତୀଙ୍କ ମୃତ୍ୟୁ ହୋଇଯାଇଥିଲା ବୋଲି ପରିବାର ଲୋକେ କହିଛନ୍ତି। ଗାଁର ଧନ୍ୟା ଭତରା ଓ ପୁଷ୍ପଲତା ଭତରା ଆକ୍ରାନ୍ତ ହୋଇ ଘରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ଡାକ୍ତରୀ ଦଳ ଗାଁରେ ପହଞ୍ଚି ଲୋକଙ୍କୁ ସଚେତନତା କରାଉଛନ୍ତି। ଡାକ୍ତରୀ ଦଳ ଗ୍ରାମର ପାଣିର ନମୁନା ସଂଗ୍ରହକରି ପରୀକ୍ଷା ଲାଗି ପଠାଇଛନ୍ତି। ଝାଡ଼ା ବାନ୍ତି ବ୍ୟାପିବାର କାରଣ ଜଣାପଡ଼ିନାହିଁ। ବିକ୍ରମପୁର ଗାଁର ଜଣେ, ସେମଳା ଗାଁର ଦୁଇଜଣ, ଆମ୍ବଦୁଆ ପଦର ଗାଁର ଜଣେ, ଗୁମାଗୁଡ ଗାଁର ଜଣେ ଲେଖାଏ ରୋଗୀ ଓ ବି.ମଳିଗୁଡା ଗାଁର ୧୧ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ନବରଙ୍ଗପୁର ଜିଲା ସଦର ମହାକୁମା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ୬ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ପ୍ରକାଶ ଯେ, ଗତ ଅଗଷ୍ଟ ମାସ ୩ ତାରିଖରେ ପାପଡ଼ାହାଣ୍ଡି ବ୍ଲକ ମଇଦଲପୁର ପଞ୍ଚାୟତ ତୁଳସୀପଦରରେ ଝାଡ଼ାବାନ୍ତି ବ୍ୟାପିଥିଲା। ଏଥିରେ ଗ୍ରାମର ରୁଆଇ ସାନ୍ତା ନାମକ ଜଣେ ବୃଦ୍ଧାଙ୍କର ମୃତ୍ୟୁ ହୋଇଥିଲା। ୧୫ଜଣ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଗ୍ରାମର ନାଳପାଣି ହିଁ ଝାଡ଼ାବାନ୍ତି ବ୍ୟାପିବାର କାରଣ ବୋଲି ଜଣା ପଡ଼ିଥିଲା। ଲୋକେ ନାଳପାଣିରେ ଶୌଚ ସହ ବାସନ ମଜାମଜି ଏବଂ ଗାଧୋଉଥିଲେ। ସେଥିଲାଗି ଝାଡା ବାନ୍ତି ବ୍ୟାପିଥିଲା ବୋଲି ଜଣାପଡ଼ିଥିଲା।

## ସଚେତନତା ଅଭାବରୁ ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା କରାଉନାହାନ୍ତି ଲୋକେ

■ ନବରଙ୍ଗପୁରରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ
■ ସପ୍ତାହବ୍ୟାପୀ କରାଯିବ ସଚେତନତା

ନବରଙ୍ଗପୁର,୧୦।୧୦(ବି.ପ୍ର.)

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ ଏବଂ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ସୋମବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲା ଜଜ୍(ପୋକ୍ସୋ) ପ୍ରଣତୀ ସାହା, ନବରଙ୍ଗପୁର ଅତିରିକ୍ତ ଜିଲା ଜଜ୍ ଶିବପ୍ରସାଦ ମିଶ୍ର , ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ଜନକ ରାଉତ, ସିଡିଏମ୍ଓ ଡକ୍ଟର କାଳୀପ୍ରସାଦ ବେହେରା, ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ମଳୟ କୁମାର ମିଶ୍ର, ଡକ୍ଟର ସୁକାନ୍ତ କୁମାର ଶତପଥୀ, ଉପ ଆରକ୍ଷୀ ଅଧୀକ୍ଷକ ଡ. ଚନ୍ଦ୍ର ଶେଖର ହୋତା, ଡ. ସମଲେଇ ପ୍ରସାଦ ପଣ୍ଡା, ଜିଲା ବରିଷ୍ଠ ନାଗରିକ ସଂଘ ସଭାପତି ଡ. ରାଧାନାଥ ବେହେରା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ମାନସିକ ସ୍ୱାସ୍ଥ୍ୟ, ମାନସିକ ରୋଗର ବିଭିନ୍ନ ଲକ୍ଷଣ ଓ ତା'ର କିପରି ଉପଯୁକ୍ତ ନିରାକରଣ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ, ମହାବିଦ୍ୟାଳୟସ୍ତରରେ ଓ ଯୁବ ପିଢ଼ିଙ୍କୁ ସଚେତନ କରାଇବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ମାନସିକ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟ କରୁଛି। କିନ୍ତୁ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ହେତୁ ଆଶାନୁରୂପ ଭାବରେ ଲୋକେ ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା କରାଉ ନାହାନ୍ତି ବୋଲି ସିଡିଏମ୍ଓ କହିଛନ୍ତି। ସପ୍ତାହବ୍ୟାପୀ ଜିଲାରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ କରାଯିବ ବୋଲି ସିଡିଏମ୍ଓ କହିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲାସ୍ତରୀୟ ଅଧିକାରୀ, ବରିଷ୍ଠ ନାଗରିକ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ମହାବିଦ୍ୟାଳୟ ଅଧକ୍ଷ ଓ ଖବରଦାତାମାନେ ଉପସ୍ଥିତ ଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରକଳ୍ପ ମ୍ୟାନେଜର ସୁଶାନ୍ତ କୁମାର ପ୍ରହରାଜ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



ବୈଠକରେ ଅତିଥିମାନେ।

## ଯାତ୍ରୀବାହୀ ବସ ଉପରେ ପଥର ମାଡ଼




ପାପଡାହାଣ୍ଡି,୧୦।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ବାବାଜୀଗୁଡା ନିକଟରେ ସୋମବାର କିଙ୍ଗ୍ଫିସର ନାମକ ଏକ ଯାତ୍ରୀବାହୀ ବସ୍ ଉପରକୁ ପଥର ମାଡ଼ ହୋଇଛି। ଏଥିରେ ବସ୍ର ସାମ୍ନାଭାଗ କାଚ ଭାଙ୍ଗିଯାଇଛି। କୌଣସି ଯାତ୍ରୀ ଆହତ ହୋଇନାହାନ୍ତି। ସୌଭାଗ୍ୟବଶତଃ ଏକ ବଡ଼ ଦୁର୍ଘଟଣାରୁ ଯାତ୍ରୀମାନେ ବର୍ତ୍ତିଯାଇଛନ୍ତି। ସୂଚନା ମୁତାବକ, ବସ୍(ଓଡି-୦୨ଏବି-୮୭୧୦)ଟି ରାଇଘରରୁ ଭୁବନେଶ୍ୱର ଯାଉଥିଲା। ଏହି ସମୟରେ ବାବାଜୀଗୁଡା ନିକଟରେ ଥିବା ଗ୍ରୀଡ୍ ରାସ୍ତାରେ ଦୁର୍ବୃତ୍ତମାନେ ବସ୍କୁ ପଥର ମାଡ଼ କରିଥିଲେ। ଗୋଟିଏ ପଥର ସାମ୍ନା କାଚରେ ବାଜିଥିବାବେଳେ ଅନ୍ୟଟି ଯାତ୍ରୀ ବସିଥିବା ସିଟ୍ ପାଖ କାଚରେ ବାଜିଥିଲା। ଏଥିରେ କେହି ଆହତ ହୋଇ ନ ଥିବା ବେଳେ ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ଖବର ପାଇ ମଇଦଲପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ବସ୍ କଣ୍ଡକ୍ଟର ଚକ୍ରଧର ମିଶ୍ର ଏ ନେଇ ମଇଦଲପୁର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ୩ ଜଣ ଯୁବକ ଏକ ବାଇକ୍ରେ ଆସି ବସ୍ ଉପରକୁ ଅତର୍କିତ ଭାବେ ପଥର ମାଡ଼ କରିଥିଲେ ବୋଲି ଡ୍ରାଇଭର ସମୀର ମହାନ୍ତି କହିଛନ୍ତି। ଏହାର କାରଣ କ'ଣ ଜାଣିନାହିଁ ବୋଲି ଡ୍ରାଇଭର କହିଛନ୍ତି। ପୋଲିସ ଘଟଣାର ତଦନ୍ତ କରିବା ପରେ ବସ୍ଟି ଭୁବନେଶ୍ୱର ଅଭିମୁଖେ ବାହାରିଛି।

## ୧୧ ବର୍ଷ ପରେ ଜଳିଲା ଅଚଳ ହାଇମାଷ୍ଟ ଲାଇଟ୍

କଥା ରଖିଲେ ନୂଆ ସରପଞ୍ଚ

ରାଇଘର, ୧୦।୧୦(ଡି.ଏନ୍.ଏ.)

ନିର୍ବାଚନ ପ୍ରଚାର ବେଳେ ଦେଇଥିବା ପ୍ରତିଶ୍ରୁତି ରଖିଲେ ସରପଞ୍ଚ । ନବରଙ୍ଗପୁର ଜିଲା ରାଇଘର ବ୍ଲକ ସଦର ମହକୁମା ମେଡିକାଲ୍ ଛକରେ ଦୀର୍ଘ ୧୧ ବର୍ଷ ଧରି ଅଚଳ ହୋଇ ପଡିଥିବା ହାଇମାଷ୍ଟ ଲାଇଟ୍ ମରାମତି କରାଇଛନ୍ତି। ରାଇଘର ସରପଞ୍ଚ ଲମ୍ବୋଦର ମାଝିଙ୍କ ଉଦ୍ୟମରେ ପୁଣି ଥରେ ଅଚଳ ହୋଇପଡିଥିବା ହାଇମାଷ୍ଟ ଲାଇଟ୍ ଉଦ୍ଘାଟନ କରାଯାଇଛି। ଉଦ୍ଘାଟନ କାର୍ଯ୍ୟକ୍ରମରେ ରାଇଘର ସରପଞ୍ଚଙ୍କ ସମେତ ପୂର୍ବତନ ସରପଞ୍ଚ ସାତ ମାଝି, ରଘୁ ଗଣ୍ଡ ଓ ରାଇଘର ବ୍ଲକର ଜନସାଧାରଣ ଉପସ୍ଥିତ ଥିଲେ । ରାଇଘର ସଦରମହକୁମାର ମେଡିକାଲ୍ ଛକରେ ୨୦୧୧ ମସିହାରେ ପୂର୍ବତନ ବିଧାୟକ ସ୍ୱର୍ଗତ ଜଗବନ୍ଧୁ ମାଝିଙ୍କ ଉଦ୍ୟମରେ ଲକ୍ଷାଧିକ ଟଙ୍କା ବ୍ୟୟରେ ହାଇମାଷ୍ଟ ଲାଇଟ୍ ଲଗାଯାଇଥିଲା। ଏହି ଲାଇଟ ଲାଗିବା ପରେ ଦୂରଦୂରାନ୍ତରୁ ବସ୍ ସବୁ ନିର୍ଭୟରେ ଯାତାୟାତ କରୁଥିଲା। କିନ୍ତୁ ଦୁଇ ମାସ ପରେ ଏହି ଲାଇଟ୍ ବନ୍ଦ ହୋଇଯାଇଥିଲା। ମରାମତି ପାଇଁ ସ୍ଥାନୀୟ ଲୋକେ ବାରମ୍ବାର ଅଧିକାରୀ ଏବଂ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ନିକଟରେ ଗୁହାରି କରିଥିଲେ ମଧ ଏଥି ପ୍ରତି କେହି ଗୁରୁତ୍ୱ ଦେଇ ନ ଥିଲେ। ଅନ୍ଧାରର ସୁଯୋଗ ନେଇ ବଜାରରେ ବାରମ୍ବାର ଚୋରି ବଢ଼ିଥିଲା। ଏ ନେଇ ବହୁବାର ଜଣାଇବା ପରେ ମଧ କୌଣସି ଅଧିକାରୀ କିମ୍ବା ଲୋକ ପ୍ରତିନିଧି ଦୃଷ୍ଟି ଦେଉନଥିଲେ। ଲମ୍ବୋଦର ନିର୍ବାଚନ ପ୍ରଚାରବେଳେ ପ୍ରତ୍ୟେକ ସାହିରେ ରାସ୍ତାଘାଟ ସହ ଡ୍ରେନେଜ ବ୍ୟବସ୍ଥା ସହ ସୁନ୍ଦର ପରିବେଶ ସୃଷ୍ଟି କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେ ଏବେ ନିଜ ପ୍ରତିଶ୍ରୁତି ପୂରଣ କରିଛନ୍ତି। ପଞ୍ଚାୟତ ପାଣ୍ଠିରୁ ହାଇମାଷ୍ଟ ଲାଇଟ୍ ଲଗାଇବା ସହ ପ୍ରତେକ ସାହି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ପିଚୁ ରାସ୍ତା କରିବାକୁ ଦାବି କରିଛନ୍ତି। ଡ୍ରେନେଜ୍ ବ୍ୟବସ୍ଥା ନିମନ୍ତେ ସ୍ୱତନ୍ତ୍ର ଭାବେ ଯୋଜନା ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ଯୁବ ସରପଞ୍ଚଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରାଯାଇଛି ।

## 'ସପ୍ତାହକ ମଧ୍ୟରେ ଅଭିଯୋଗର ସମାଧାନ କର'

ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଚନ୍ଦାହାଣ୍ଡି, ୧୦।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲାପାଳ ଡ. କମଳଲୋଚନ ମିଶ୍ର ସୋମବାର ଚନ୍ଦାହାଣ୍ଡି ବ୍ଲକ ସଭାଗୃହରେ ୪୮ ଟି ଅଭିଯୋଗର ଶୁଣାଣି କରିଛନ୍ତି। ପଟଖଲିଆ ପଞ୍ଚାୟତ ଜଙ୍ଗଲ ଉପାନ୍ତ ଗ୍ରାମଗୁଡିକୁ ବର୍ତ୍ତମାନ ସୁଧା ରାସ୍ତା ନ ଥିବାରୁ ଯାତାୟାତରେ ଅସୁବିଧା ହେଉଛି। ଏ ଦିଗରେ ତୁରନ୍ତ ଦୃଷ୍ଟିଦେବା ପାଇଁ ପଟଖଲିଆ ପଞ୍ଚାୟତବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦଳବେଡା ଚାଷୀଙ୍କ ଜମିରେ ରାଜସ୍ୱ ବିଭାଗ ମୃତ ଚାଷୀଙ୍କ ଉପସ୍ଥିତି ଦର୍ଶାଇ ଶସ୍ୟ କାଟ, ମିଥ୍ୟା ରିପୋର୍ଟ ପ୍ରସ୍ତୁତ କରିଥିବା ଅଧିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଚାଷୀଙ୍କୁ ଶୀଘ୍ର ବୀମା ରାଶି ପ୍ରଦାନ କରିବାକୁ ଦଳବେଡା ଚାଷୀ କହଁଲ ସିଂ ମାଝି, କମୁଲୁ ମନହିରା, ଭୁବନେ ମାଝି ଏବଂ ଦଳବେଡା ସରପଞ୍ଚ ଭଗବାନ ମାଝି ଅଭିଯୋଗ କରିଥିଲେ। ୭ ଦିନ ମଧ୍ୟରେ ଏହାର ପଦକ୍ଷେପ ନେବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ମାଲଗାଁ ପଞ୍ଚାୟତରେ ରାସ୍ତାଘାଟ ସମସ୍ୟା ସହ ପିଡିଏସ୍ର ସମସ୍ୟା ଦୂର ପାଇଁ ମାଲଗାଁ ସରପଞ୍ଚ ଅଜିତ ପୋଟା ଅଭିଯୋଗ ଜଣାଇଛନ୍ତି। ଭୂମିହୀନଙ୍କୁ ଘରବାରି ପଟ୍ଟା ମିଳିଛି। କିନ୍ତୁ ଜାଗା ପ୍ରଦାନ କରାଯାଇ ନ ଥିବା ନେଇ ଚନ୍ଦାହାଣ୍ଡି ସଦର ଗ୍ରାମର ଫୁଲଚନ ଗୌଡ଼, ଇଡି ଗୌଡ଼, ପଦ୍ମନ ଗୌଡ଼ ଏବଂ ଭଗବାନ ପାଣିଗ୍ରାହୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ସମସ୍ତ ଅଭିଯୋଗର ସମାଧାନ ୭ ଦିନ ମଧ୍ୟରେ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏହି ଶିବିରରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ସାହୁ, ଏସ୍ଡିପିଓ ହିମାଂଶୁ ଶବର, ଚନ୍ଦାହାଣ୍ଡି ବିଡିଓ ଧର୍ମରାଜ ମାଝି, ବିଭିନ୍ନ ବିଭାଗୀୟ ଅଧିକାରୀ, ଚନ୍ଦାହାଣ୍ଡି ବ୍ଲକର ସମସ୍ତ କନିଷ୍ଠ ଯନ୍ତ୍ରୀ, ପିଇଓ, ଯୋଗାଣ ସହାୟକ ଏବଂ ସମସ୍ତ ପଞ୍ଚାୟତ ଜନପ୍ରତିନିଧି ଉପସ୍ଥିତ ଥିଲେ।


ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

## 'ମାଳୀ ଜାତିକୁ ବନବାସୀ ଆଦିବାସୀ ମାନ୍ୟତା ଦିଆଯାଉ'

■ ମାଳୀ ସମାଜ ବିକାଶ ପରିଷଦର ଜିଲାସ୍ତରୀୟ ବୈଠକ
■ ବିଭିନ୍ନ ସମସ୍ୟା ଉପରେ ଆଲୋଚନା

ରାଇଘର, ୧୦।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ପାରୁଆ ପଞ୍ଚାୟତରେ ଅବିଭକ୍ତ କୋରାପୁଟ ଜିଲା ମାଳୀ ସମାଜ ବିକାଶ ପରିଷଦ ଆହ୍ୱାନକ୍ରମେ ଜିଲାସ୍ତରୀୟ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପାରୁଆ ପଞ୍ଚାୟତର ପଡ଼ିଆରେ ବିରାଟ ସମାରୋହ ଆୟୋଜନ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଏମ୍ପି ରମେଶ ଚନ୍ଦ୍ର ମାଝି ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ଲିପିକା ବାରୋଇ, ଜିଲା ପରିଷଦ ସଭ୍ୟ ଯତୀନ୍ଦ୍ର ଗଣ୍ଡ, ଦଶରଥ ଗୌଡ଼, ଖଗେଶ୍ୱର ହରିଜନ, ଶୁକଦେବ ଗଣ୍ଡ, ଅବିଭକ୍ତ କୋରାପୁଟ ଜିଲା ସଭାପତି ଦାଶରଥି ମାଳୀ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଅମିନ୍ଦ୍ର ଖରା, ସମ୍ପାଦକ ଦୈତାରି ଖିଲ, ଅବିଭକ୍ତ ସାଂଗଠନିକ ସମ୍ପାଦକ ରାଜେନ୍ଦ୍ର ଖରା, ନବରଙ୍ଗପୁର ଜିଲା ସଭାପତି ତିଳକ ମାଳୀ, ମାଲକାନଗିରି ଜିଲା ସଭାପତି ମଧୁ ମାଳୀ ଓ କୋରାପୁଟ ଜିଲା ସଭାପତି ପଦଲାମ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ମାଳୀ ସମାଜର ବିକାଶ ଦିଗରେ ବିଶେଷ ଆଲୋଚନା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଅବିଭକ୍ତ କୋରାପୁଟ ଜିଲାର ମାଳୀ ଜାତିକୁ ବନବାସୀ ଆଦିବାସୀ ମାନ୍ୟତା ପ୍ରଦାନ, କୃଷିଭିତ୍ତିକ ତାଲିମ ସୁଯୋଗ ପ୍ରଦାନ, କୃଷି ଉପଯୋଗୀ ଜଳସେଚନ ବ୍ୟବସ୍ଥା, ଆବାସିକ ବିଦ୍ୟାଳୟରେ ମାଳୀ ଜାତି ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଅଧ୍ୟୟନରେ ସ୍ଥାନ ସଂରକ୍ଷଣ, ରିହାତି ଋଣ ପ୍ରଦାନ ସହ ସମସ୍ତ ସରକାରୀ ଓ ବେସରକାରୀ ସୁଯୋଗ ସୁବିଧା ପ୍ରଦାନ କରିବା ନିମନ୍ତେ ଆଲୋଚନା ହୋଇଥିଲା। ରାଜ୍ୟ ସରକାର ନିକଟରେ ଆଗାମୀ ଦିନରେ ସମସ୍ତ ସମସ୍ୟା କିଭଳି ଉପସ୍ଥାପନା ହେବ ସେ ନେଇ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଚମରା ମାଳୀ, ସହନ ମାଳୀ, ପରମାନନ୍ଦ ମାଳୀ, ରାମକୃଷ୍ଣ ମାଳୀ, ପରମେଶ୍ୱର ମାଳୀ, ସନ୍ତୋଷ ମାଳୀ, ବସନ୍ତ ମାଳୀ, ସାଗୁରୁ ମାଳୀ ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମାଳୀ ସମାଜର ଦୁଇ ହଜାରରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

rgdselfie@gmail.com


@ ଜି. ବିଶ୍ୱେଶ୍ୱର


@ ପିଣ୍ଟୁ


@ ରବି


@ ରାକେଶ


@ ବାବୁ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### କୋରାପୁଟରେ ୭ ସ୍ଥାନରେ ପୂଜା ପାଉଛନ୍ତି ମା' ଗଜଲକ୍ଷ୍ମୀ

କୋରାପୁଟ,୧୦।୧୦(ସ୍ୱ.ପ୍ର.)- କୋଭିଡ କଟକଣା ହଟିବା ପରେ ଚଳିତ ବର୍ଷ କୋରାପୁଟ ସହରରେ ଗଜଲକ୍ଷ୍ମୀ ପୂଜା ଆଡମ୍ବର ସହକାରେ ହେଉଛି। ବର୍ଷା ସତ୍ତ୍ୱେ ପୂଜା ଦେଖିବାକୁ ସହରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହୁଛି। ସହରର କଳାନିକେତନ ଛକଠାରେ ଡି ଗ୍ରୁପ ପକ୍ଷରୁ ୨୫ ତମ ଗଜଲକ୍ଷ୍ମୀ ପୂଜା ପାଳିତ ହେଉଥିବା ବେଳେ ବଜାର ସଂଘ ପକ୍ଷରୁ ଶାବର ଶ୍ରୀକ୍ଷେତ୍ର ମନ୍ଦିର ଛକ ନିକଟରେ, ଭାଣ୍ଡିସାହି, ଟିକିରା ସାହି, ଟାଲେଣ୍ଟ କଲେଜ, ହାଉସିଂବୋର୍ଡ କଲୋନୀ, ପୋଲିସ କଲୋନୀ ଆଦି ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ଆରାଧନା କରାଯାଉଛି। ସେହିପରି ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପୂଜା କମିଟି ମଣ୍ଡପ ସାଜସଜ୍ଜାକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। କୁମାର ପୂର୍ଣ୍ଣିମା ଅବସରରେ କୋରାପୁଟ ବାଟମଙ୍ଗଳା ମନ୍ଦିରଠାରେ ବିଶ୍ୱଶାନ୍ତି ନେଇ ୧୦ ହଜାର ୧୦୮ ଦୀପ ପ୍ରଜ୍ୱଳନ କରାଯାଇଛି।

### ଆକ୍ରମଣ ମାମଲାରେ ଅଭିଯୁକ୍ତ ଗିରଫ

ଆସିକା,୧୦।୧୦(ଡି.ଏନ.ଏ.)-ଗାଙ୍ଗପୁର ଥାନା ଅନ୍ତର୍ଗତ ପାଇଲିପଡା ଗ୍ରାମରେ ରବିବାର ଧାନପୁଞ୍ଜା ଗ୍ରାମର ଦେବବ୍ରତ ଗୌଡଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ପୋଲିସ ଏହି ମାମଲାରେ ପାଇଲିପଡା ଗ୍ରାମର ସୁବାସ ସେଠୀଙ୍କୁ ସୋମବାର ଗିରଫ କରିଛି। ଏ ନେଇ ଗାଙ୍ଗପୁର ଥାନାରେ ନଂ. ୪୫୯/୨୨ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।

### ମତ୍ସ୍ୟଜୀବୀଙ୍କ ମୃତଦେହ ଠାବ

ଗୋପାଳପୁର,୧୦।୧୦(ଡି.ଏନ.ଏ.): ଗୋଳନ୍ଥରା ଥାନା ବଡ଼ଏକସିଙ୍ଗି ଗ୍ରାମ ନିକଟ ନଦୀ ମୁହାଣରୁ ସୋମବାର ପୋଲିସ ଜଣେ ମତ୍ସ୍ୟଜୀବୀଙ୍କ ମୃତଦେହ ଠାବ କରିଛି। ମୃତକ ହେଲେ ବଡ଼ଏକସିଙ୍ଗି ଗ୍ରାମର ଏନ୍.କ୍ରିଷ୍ଣା (୬୫)। ବଡ଼ଏକସିଙ୍ଗି ଗ୍ରାମର ଏନ୍.କ୍ରିଷ୍ଣା ରବିବାର ଅପରାହ୍ନ ୪ଟାରେ ଗ୍ରାମରେ ଥିବା ନଦୀ ମୁହାଣକୁ ମାଛ ମାରିବା ପାଇଁ ଯାଇଥିଲେ। ରାତି ହୋଇଯାଇଥିଲେ ମଧ୍ୟ ସେ ଘରକୁ ଫେରି ନ ଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ପାଇପାରି ନ ଥିଲେ। ସୋମବାର ସକାଳେ ଗ୍ରାମର କେତେକ ଲୋକ ମାଛ ମାରିବାକୁ ନଦୀକୁ ଯାଇଥିବା ବେଳେ କ୍ରିଷ୍ଣାଙ୍କ ମୃତଦେହ ଏକ ଜାଲରେ ଲାଗିଥିବା ଦେଖିବାକୁ ପାଇଥିଲେ। ଗୋଳନ୍ଥରା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଥିଲା।

# ବାଲ୍ୟ ବିବାହରେ ୪ର୍ଥ ସ୍ଥାନରେ ରାୟଗଡ଼ା ଜିଲା

- ୩ ବର୍ଷରେ ରୋକାଯାଇଛି ୨୪୬ ବାଲ୍ୟବିବାହ
- ଠିକ୍‌ରେ କାର୍ଯ୍ୟକାରୀ ହେଉନି ପ୍ରଚେଷ୍ଟା ଅଭିଯାନ

ରାୟଗଡ଼ା ଅଫିସ,୧୦।୧୦

ଅକ୍ଟୋବର ୧୧ରେ ପାଳନ ହେଉଛି ଅନ୍ତର୍ଜାତୀୟ ବାଳିକା ଦିବସ। ଲିଙ୍ଗଗତ ସମାନତା ଆଣିବା ଏବଂ ବାଳିକାମାନଙ୍କ ଅଧିକାରକୁ ସ୍ୱୀକୃତି ଦେବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ହେଲେ ରାୟଗଡ଼ା ଭଳି ଆଦିବାସୀ ଅଧ୍ୟୁଷିତ ଜିଲାରେ ବାଳିକାଙ୍କ ଆଖିଦୃଶିଆ ବିକାଶ ହୋଇପାରିନି। ବାଲ୍ୟବିବାହକୁ ସମ୍ପୂର୍ଣ୍ଣ ରୋକିବା ଏ ପର୍ଯ୍ୟନ୍ତ ସମ୍ଭବ ହୋଇପାରିନି। ପ୍ରଚେଷ୍ଟା ଅଭିଯାନରେ ଜିଲା ପ୍ରଶାସନ ପକ୍ଷରୁ ବାଲ୍ୟବିବାହ ରୋକିବା, ଶିକ୍ଷା ଓ ସ୍ୱାସ୍ଥ୍ୟ ବିଷୟରେ ସଚେତନ କରିବା ସହ ସେମାନଙ୍କ ବିକାଶ ଦିଗରେ କାମ କରିବା ପାଇଁ ନିୟମିତ ଯୋଜନା ପ୍ରସ୍ତୁତ ହେଉଛି। ତଥାପି ଜିଲା ବାଲ୍ୟବିବାହ ମୁକ୍ତ ହୋଇପାରିନାହିଁ।

ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ ୱେବ୍‌ସାଇଟର ରିପୋର୍ଟ ଅନୁଯାୟୀ, ବାଲ୍ୟବିବାହ କ୍ଷେତ୍ରରେ ଓଡ଼ିଶାରେ ରାୟଗଡ଼ା ଜିଲା ୪ର୍ଥ ସ୍ଥାନରେ ରହିଛି। ସେହିପରି ଜିଲାରେ ୩୩.୨ ପ୍ରତିଶତ ବାଲ୍ୟ ବିବାହ ହେଉଥିବାବେଳେ ସେଥିମଧ୍ୟରୁ ୯.୨ ପ୍ରତିଶତ ୧୫ ରୁ ୧୯ ବର୍ଷ ମଧ୍ୟରେ ମା' ହେଉଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ୧୩୪୫ ଗ୍ରାମକୁ ଜିଲା ପ୍ରଶାସନ ପକ୍ଷରୁ ବାଲ୍ୟ ବିବାହ ମୁକ୍ତ ଘୋଷଣା କରାଯାଇଛି। ସେହିପରି ରାୟଗଡ଼ା ଜିଲା ସମାଜ ମଙ୍ଗଳ ଅଧିକାରୀ(ଡିଏସ୍‌ଡବ୍ଲୁଓ)ଙ୍କଠାରୁ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୨୦ରେ ଜିଲାରେ ୯୭ଟି, ୨୦୨୧ରେ ୮୯ଟି, ୨୦୨୨ରେ ଏ ପର୍ଯ୍ୟନ୍ତ ୬୦ଟି ବାଲ୍ୟ ବିବାହ ପ୍ରଶାସନ ରୋକିବାରେ ସଫଳ ହୋଇଛି। ରାୟଗଡ଼ା ସହର, ଗୁଣପୁର,



ଅନ୍ତର୍ଜାତୀୟ ବାଳିକା ଦିବସ

କୋଲନରା, ପଦ୍ମପୁର, ରାମନାଗୁଡ଼ା ବ୍ୟତୀତ ଅନ୍ୟ ସମସ୍ତ ବ୍ଲକରେ ବାଲ୍ୟ ବିବାହ ହେଉଥିବା ତଥ୍ୟରୁ ଜଣାପଡ଼ିଛି। ତେବେ ୨୦୨୦ ପୂର୍ବରୁ କେତେ ବାଲ୍ୟ ବିବାହ ହୋଇଛି ଏବଂ କୋଡୋଟି ରୋକାଯାଇଛି ତାହାର ତଥ୍ୟ ପ୍ରଶାସନ ନିକଟରେ ନାହିଁ। ତୃଣମୂଳ ସ୍ତରରେ ପ୍ରଶାସନ ପକ୍ଷରୁ ଠିକ୍‌ରେ ସଚେତନତା କାର୍ଯ୍ୟକ୍ରମ ହେଉ ନ ଥିବାରୁ ଅନେକ ବାଲ୍ୟବିବାହ ଘଟଣା ପ୍ରଶାସନ ଦୃଷ୍ଟିକୁ ଆସିପାରୁ ନ ଥିବା ମତପ୍ରକାଶ ପାଇଛି।

ଅଞ୍ଚଳରେ ଅଧିକ ସଂଖ୍ୟାରେ ଝିଅ ଏବଂ ପୁଅ ୧୮ ବର୍ଷ ବୟସ ପୂର୍ବରୁ ପ୍ରେମ ବିବାହ କରି ଚାଲିଯାଉଛନ୍ତି। ଏହାକୁ ରୋକିବାକୁ ହେଲେ ସମସ୍ତ ବିଭାଗର ସହଯୋଗ ଆବଶ୍ୟକ ବୋଲି ଡିଏସ୍‌ଡବ୍ଲୁଓ କହିଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ପ୍ରଶାସନ ପକ୍ଷରୁ ସଚେତନତା ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଗ୍ରାମାଞ୍ଚଳରେ ଏହା ଠିକ୍‌ରେ କାର୍ଯ୍ୟକାରୀ ହେଉନାହିଁ। ଫଳରେ କିଶୋରୀ, କିଶୋରମାନଙ୍କୁ କମ ବୟସରେ ବିବାହ କରିବାରୁ ରୋକିବାରେ ସଫଳତା ମିଳିପାରୁନି ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଇଛି। ତୃଣମୂଳ ସ୍ତରରେ ଦାୟିତ୍ୱରେ ଥିବା କର୍ମଚାରୀ କିଶୋରୀ, କିଶୋର ଏବଂ ଅଭିଭାବକଙ୍କୁ ଅଧିକ ସଚେତନ କରିବା ସହ ନିୟମିତ ଏହାର ସମୀକ୍ଷା ହେଲେ ଜିଲାରେ ଶିକ୍ଷାହାର ବଢ଼ିବା ସହ ବାଲ୍ୟ ବିବାହକୁ ରୋକିବା ସମ୍ଭବ ହୋଇପାରିବ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

# ଗୁଣି ସନ୍ଦେହରେ କରାଯାଇଥିଲା ହତ୍ୟା

- ପୋଖରୀରୁ ହାତଗୋଡ଼ ବନ୍ଧା ମୃତଦେହ ଜବତ ଘଟଣା
- ଜଣେ ଗିରଫ, ବାଳ ସ୍ୱଧାର ଗୃହକୁ ଗଲେ ୪ ନାବାଳକ

ଟିକିରି,୧୦।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ପୋଡ଼ାପାଡ଼ି ପଞ୍ଚାୟତ ବନ୍ଧପଦର ଗ୍ରାମର ପହିଲି ମାଝିଙ୍କ ମୃତଦେହ ଶନିବାର ହାତଗୋଡ଼ ବନ୍ଧା ଅବସ୍ଥାରେ ପୋଖରୀରୁ ଜବତ କରାଯାଇଥିଲା। ଗୁଣି ସନ୍ଦେହରେ ତାଙ୍କୁ ହତ୍ୟା କରାଯାଇଥିବା ତଦନ୍ତରୁ ସ୍ପଷ୍ଟ ହୋଇଥିଲା। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ୫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଜଣଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ୪ ଜଣ ନାବାଳକ ହୋଇଥିବାରୁ ସେମାନଙ୍କୁ ବାଳ ସ୍ୱଧାର ଗୃହକୁ ପଠାଯାଇଥିବା ପୋଲିସ ସୂଚନା ଦେଇଛି। ଗିରଫ ଯୁବକ ହେଲେ ବନ୍ଧପଦର ଗ୍ରାମର ପିଙ୍କୁ ମାଝି(୨୧)।

ସୂଚନାଯୋଗ୍ୟ, ପହିଲି ଦଶହରା ଦିନ ଘରୁ ବାହାରି ଆଉ ଫେରି ନ ଥିଲେ। ଗୁରୁବାର ତାଙ୍କ ନିଖୋଜ ନେଇ ପରିବାର ଲୋକେ ଟିକିରି ଥାନାରେ ଏତଲା ଦେଇଥିଲେ। ଶନିବାର ଗ୍ରାମବାସୀଙ୍କ ଠାରୁ ଖବର ପାଇ ପୋଲିସ ଅଗ୍ନିଶମ ବାହିନୀ ସହାୟତାରେ ପୋଖରୀରୁ ତାଙ୍କ ମୃତଦେହ ହାତଗୋଡ଼ ବନ୍ଧା ଅବସ୍ଥାରେ ଏକ ବସ୍ତାରୁ ଜବତ କରିଥିଲା। ଗୁଣି ସନ୍ଦେହରେ ପହିଲିଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପୁଅ ପ୍ରକାଶ କରିଥିଲେ।

# କୋଲନରାରେ ଯୁଗ୍ମ ଅଭିଯୋଗ ଶୁଣାଣି



ଜିଲାପାଳ ଜଣେ ବ୍ୟକ୍ତିଙ୍କ ଠାରୁ ସମସ୍ୟା ପଚାରି ବୁଝୁଛନ୍ତି।

ରାୟଗଡ଼ା ଅଫିସ,୧୦।୧୦

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ କୋଲନରା ବ୍ଲକରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସ୍ୱଧା ଦେବ ସିଂ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ରବିନାରାୟଣ ତ୍ରିପାଠୀ, ଅତିରିକ୍ତ ଏସ୍‌ପି ରାମଚନ୍ଦ୍ର ସାହୁ, ସିଡିଏମ୍‌ଓ ଡା. ଲାଲମୋହନ ରାଉତରାୟ, ଉପଜିଲାପାଳ ଭୀମସେନ ଶବର, ପଞ୍ଚାୟତ ସମିତି ଅଧକ୍ଷା ସଞ୍ଜୁକ୍ତା କୁଲେଶିକା, ଜଳଛାୟା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ, ସହକାରୀ ଯନ୍ତ୍ରୀ, ଜିଲା ଗ୍ରାମ୍ୟ ଜଳଯୋଗାଣ ସଂସ୍ଥାର ସହାକାରୀ ଯନ୍ତ୍ରୀ, ଜିଲା ଜରୁରୀକାଳୀନ ଅଧିକାରୀ ସୁକାନ୍ତ ସାହୁ, ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ, ଜିଲା ଉଦ୍ୟାନ ଉପନିର୍ଦ୍ଦେଶକ ପତିତପାବନ ସାମନ୍ତରାୟ, ଜିଲା ମୁଖ୍ୟ କୃଷି ଅଧିକାରୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ଯାଜ୍ଞସେନୀ ବେହେରା, ଜିଲା ପଞ୍ଚାୟତ ଅଧିକାରୀ ସୂର୍ଯ୍ୟ ନାରାୟଣ ମହାରଣା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ।

ମୋଟ ୩୨ ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୨୫ଟି ବ୍ୟକ୍ତିଗତ ଏବଂ ୭ ଟି ଗ୍ରାମ୍ୟ ସମସ୍ୟା ରହିଥିଲା। ଶିବିରରେ ଜଣକୁ ରେଡକ୍ରସରୁ ୫ ହଜାର ଟଙ୍କା ଏବଂ ଅନ୍ୟ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ସମ୍ଭାବ୍ୟ ବାତ୍ୟା ଲାଗି ପ୍ରସ୍ତୁତ ରୁହ ; ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୧୦।୧୦(ବ୍ୟୁରୋ)

ଓଡ଼ିଶାର ଭୌଗୋଳିକ ସ୍ଥିତି ଓ ଜଳବାୟୁ ସର୍ବଦା ବନ୍ୟା, ବାତ୍ୟାପ୍ରବଣ ହୋଇ ରହିଛି। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ସହିତ ଅକ୍ଟୋବର ଓ ନଭେମ୍ବରରେ ରାଜ୍ୟରେ ଭୀଷଣ ବାତ୍ୟା ଅନୁଭୂତ ହୁଏ । ବେଳେବେଳେ ଏହା ଡିସେମ୍ବର ୧୫ ପର୍ଯ୍ୟନ୍ତ ମଧ୍ୟ ରହିଥାଏ। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ରହିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ରାଜ୍ୟସ୍ତରୀୟ ବାତ୍ୟା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ନିର୍ଦ୍ଦେଶକ ଏଚ୍. ଆର. ବିଶ୍ୱାସ କହିଛନ୍ତି, ବର୍ତ୍ତମାନ ଓଡ଼ିଶାର ଜଳବାୟୁ ସ୍ଥିତି ବାତ୍ୟା ଅନୁକୂଳ ରହିଛି। ହେଲେ ଆସନ୍ତା ୧୫ ଦିନ ଭିତରେ ବାତ୍ୟାର କୌଣସି ସୂଚନା ନାହିଁ।

ବୈଠକରୁ ଜଣାପଡ଼ିଛି, ଇତିମଧ୍ୟରେ ଓଡ଼ିଶାରେ ବାତ୍ୟାର ପୂର୍ବାନୁମାନ ଏବଂ ଆଗୁଆ ସତର୍କ ସୂଚନା ପ୍ରସାରଣ

## ସମୀକ୍ଷା ବୈଠକରେ ପରାମର୍ଶ

ଭିତ୍ତିଭୂମିକୁ ସୁଦୃଢ଼ କରାଯାଇଛି । ଜିଲା ଓ ଅଞ୍ଚଳଭିତ୍ତିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଉଛି। ଗୋପାଳପୁର ଓ ପାରାଦୀପଠାରେ ଡପ୍‌ଲର ପାଣିପାଗ ରାଡାର ଷ୍ଟେଶନ ସହ ବାଲେଶ୍ୱର, ଚାନ୍ଦବାଲି, ପୁରୀ, ଭୁବନେଶ୍ୱର, ଗୋପାଳପୁର ଏବଂ ପାରାଦୀପ ଆଦି ସ୍ଥାନରେ ଉଚ୍ଚ କ୍ଷମତାସମ୍ପନ୍ନ ବାୟୁଗତି ପରିମାପକ ଯନ୍ତ୍ରମାନ (ହାଇ ୱିଣ୍ଡ ସ୍ପିଡ୍ ରେକର୍ଡର) ସ୍ଥାପନ କରାଯାଇଛି। ବାତ୍ୟାରେ ଟେଲିଫୋନ୍ ଏବଂ ବିଦ୍ୟୁତ୍ ଭିତ୍ତିଭୂମି ଅଧିକ କ୍ଷତିଗ୍ରସ୍ତ ହେଉଛି। ମୋବାଇଲ୍ ଟେଲିକମ୍-ଟାୱାର, ସାଟେଲାଇଟ୍ ଫୋନ୍ ଜେନେରେଟର, ବିଦ୍ୟୁତ୍ ଖୁଣ୍ଟ, କଣ୍ଡକ୍ଟର, ସବ୍‌ଷ୍ଟେଶନ ଓ ଯଥେଷ୍ଟ ସଂଖ୍ୟକ ମାନବ ସମ୍ବଳ ଆଦିର ଆକଳନ ଏବଂ ଆବଶ୍ୟକ ବେଳେ ତୁରନ୍ତ ନିୟୋଜିତ ପାଇଁ ପ୍ରସ୍ତୁତ ରହିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ପାନୀୟଜଳ ନିମନ୍ତେ ଗ୍ରାମ ଓ ସହରାଞ୍ଚଳରେ ଥିବା ହ୍ୟାଣ୍ଡପମ୍ପଗୁଡିକୁ କାର୍ଯ୍ୟକ୍ଷମ ରଖିବା ସହ ବାତ୍ୟା ଅତିକ୍ରାନ୍ତ ହେବା ପରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା କର୍ମକ୍ଷମ କରିବାକୁ ପୂର୍ଣ୍ଣ ପ୍ରସ୍ତୁତି ନିମନ୍ତେ କୁହାଯାଇଛି। ଯଥେଷ୍ଟ ପରିମାଣର ବ୍ଲିଚିଂ, ହାଲୋଜିନ୍ ବଟିକା, ଔଷଧ, ଆମ୍ବୁଲାନ୍ସ ଏବଂ ଡାକ୍ତରୀ ଟିମ୍ ଆଦି ପୂର୍ବ ପ୍ରସ୍ତୁତ ରହିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଓଡ୍ରାଫ୍ ଏବଂ ଅଗ୍ନିଶମ ସଂସ୍ଥା ସବୁ ଉପକରଣକୁ ଠିକ୍ ଭାବେ ଯାଞ୍ଚ କରିବା ପାଇଁ ପରାମର୍ଶ ଦିଆଯାଇଛି।

ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ମୋନା ଶର୍ମା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ବାତ୍ୟା ପରିଚାଳନା ସହ ସମ୍ପୃକ୍ତ ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ, ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଛନ୍ତି। ନାଭାଲ୍, ଆର୍ମି, କୋଷ୍ଟଗାର୍ଡ ଓ ଭାରତୀୟ ପାଣିପାଗ ବିଭାଗ ଆଦିର ବରିଷ୍ଠ ଅଧିକାରୀମାନେ ମଧ୍ୟ ବୈଠକରେ ନିଜ ନିଜ ବିଭାଗର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ।

# ସ୍ତ୍ରୀଙ୍କୁ ହତ୍ୟା, ଅଭିଯୁକ୍ତ ଗିରଫ

ଆସିକା,୧୦।୧୦(ଡି.ଏନ.ଏ.)

ଆସିକା ଏନ୍‌ଏସିର ଅଶୋକା ସିନେମା ଛକ ନିକଟରେ ରବିବାର ଏକ ଭଡା ଘରେ ରହୁଥିବା ଲକ୍ଷ୍ମୀପ୍ରିୟା ମିଶ୍ରଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ପୋଲିସ ଏହି ମାମଲାର ମୃତ ମହିଳାଙ୍କ ସ୍ୱାମୀ ସୀମାଞ୍ଚଳ ମିଶ୍ରଙ୍କୁ ଧରାକୋଟ ନିକଟସ୍ଥ ମୁଣ୍ଡମରାଇଠାରୁ ଧରି ଅଟକ ରଖିଥିଲେ। ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଛୁରିକୁ ମଧ୍ୟ ପୋଲିସ ଜବତ କରିଛି। ଦୀର୍ଘଦିନ ଧରି ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ରହିଥିବା ପାରିବାରୀକ କନ୍ଦଳରେ ଏହା ଏକ ବିସ୍ଫୋରକ ପରିସ୍ଥିତି ବୋଲି ପୋଲିସ ତଦନ୍ତରୁ ଜଣାପଡିଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ମହିଳା ଜଣକ ତାଙ୍କ ସାନ ପୁଅ ସହ ଭଡା ଘରେ ରହୁଥିଲା ବେଳେ ତାଙ୍କ ସ୍ୱାମୀ ବାହାରେ ରହୁଥିଲେ । ତେବେ ବେଳେ ବେଳେ ଘରକୁ ଆସିଲେ ନିଶାସକ୍ତ ଅବସ୍ଥାରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳି ଚକରାଳ ଲାଗି ରହୁଥିଲା। ଏତଦ ପରିସ୍ଥିତିରେ ରବିବାର ମହିଳା ଜଣକ ଏକାକି ଘରେ ଥିଲା ବେଳେ ଅଭିଯୁକ୍ତ ସ୍ୱାମୀ ଅତି ନୃଶଂସ ଭାବେ ତାଙ୍କୁ ହତ୍ୟା କରିଥିବା ଜଣାପଡିଛି। ସୋମବାର ପୋଲିସ ଫରେନସିକ ଟିମ ପହଞ୍ଚ ଯାଞ୍ଚ କରିବା ପରେ ମୃତଦେହକୁ ବ୍ୟବଚ୍ଛେଦ ଲାଗି ବ୍ରହ୍ମପୁର ବଡମେଡିକାଲକୁ ପଠାଯାଇଛି।







ରାୟଗଡ଼ା, ଟିକିରି ଓ ନବରଙ୍ଗପୁର ଜିଲା ଝରିଗାଁଠାରେ ମଣ୍ଡପରେ ଗଜଲକ୍ଷ୍ମୀ ପୂଜା ପାଉଛନ୍ତି ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ମୁନିଗୁଡ଼ା,୧୦।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା କମ୍ୟୁନିଟି ହଲ୍ ପରିସରରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଡିଓ ଦିଲୀପ କୁମାର ବେହେରା ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅସ୍ଥିଶଲ୍ୟ, ଚକ୍ଷୁବାଧିତ, କର୍ଣ୍ଣ, ମୁକ ବଧିର ବିଭାଗ, ମାନସିକ ଦିବ୍ୟାଙ୍ଗ, ଭେଷଜ ବିଭାଗରୁ ଡା.ଏମ. ସୁରେଶ କୁମାର, ଡା.ରଞ୍ଜନ ସାହୁ, ଡା.ସଂଘମିତ୍ରା ପାତ୍ର, ଡା.ସୁରେଶ ଚନ୍ଦ୍ର ଦେ ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସକାଳ ୧୦ ଟାରୁ ଶିବିର ଆରମ୍ଭ ହେବାକୁ ଥିବାବେଳେ ଦୁଇ ଘଣ୍ଟା ବିଳମ୍ବରେ ଆରମ୍ଭକୁ ନେଇ ହିତାଧିକାରୀ ଓ ରୋଗୀ ଅସନ୍ତୋଷ ପ୍ରକାଶ କରିଥିଲେ। କିଛି ହିତାଧିକାରୀ ଓ ରୋଗୀ ଫେରି ଯାଉଥିବା ଦେଖାଯାଇଥିଲା । ଶିବିରରେ ୨୬୫ ରୁ ଉର୍ଦ୍ଧ୍ୱ ହିତାଧିକାରୀ ଏବଂ ବିଭିନ୍ନ ରୋଗୀ ନାମ ପଞ୍ଜୀକରଣ କରିଥିଲେ। ଶିବିରକୁ ସାମାଜିକ ସୁରକ୍ଷା ଅଧିକାରୀ କଳ୍ପନା ସାହୁ, କର୍ମଚାରୀ ସୁରଜ ମଲ୍ଲିକ, ଯୋଗାଣ ଅଧିକାରୀ ମାନସ ଜେନା, ଭିଏଲ୍‌ଡବ୍ଲ୍ୟୁ ସୁନୀଲ ଯାଦବ, ରାଧାନାଥ ଷଡ଼ଙ୍ଗୀଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ଅଙ୍ଗନୱାଡି କେନ୍ଦ୍ର ଘେରିଲେ ମହିଳା

- ନିୟମିତ ଆସୁନାହାନ୍ତି ଅଙ୍ଗନୱାଡି କର୍ମୀ
- ଅଣ୍ଡା ପ୍ରଦାନରେ ଅନିୟମିତତା, ମମତା କାର୍ଡ ପାଇଁ ଟଙ୍କା ମାଗୁଥିବା ଅଭିଯୋଗ

ପାପଡାହାଣ୍ଡି,୧୦।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମୈଦଲପୁର ପଞ୍ଚାୟତ ଅଧୀନ କାକୁଡ଼ିଆମ୍ବ ଅଙ୍ଗନୱାଡି କେନ୍ଦ୍ରକୁ ସୋମବାର ଗ୍ରାମବାସୀ ଘେରାଉ କରିଛନ୍ତି। ଅଙ୍ଗନବାଡି କର୍ମୀ ନିୟମିତ ଆସୁନଥିବା, ଅଣ୍ଡା ଠିକ୍‌ରେ ଦେଉନଥିବା ଓ ମମତା କାର୍ଡ ପାଇଁ ଟଙ୍କା ମାଗୁଥିବା ଅଭିଯୋଗ କରି ଗାଁର ମହିଳାମାନେ ଅଙ୍ଗନବାଡି କେନ୍ଦ୍ର ଘେରାଉ କରିଥିଲେ। ଗାଁ ର ଗୌରୀ ହାଲବା, କୁନି ଦିଶାରୀ, ପ୍ରୀତି ହରିଜନ, ସେହେନ୍ଦ୍ରୀ ମାଝି, ସତ୍ୟବତୀ ପୂଜାରୀ, ପ୍ରିୟଙ୍କା ନାୟକ, ବେବି ସତନାମୀ, ଭୂମିସୁତା ସତନାମୀ ପ୍ରମୁଖ ଦିନ ୧୧ଟାବେଳେ ଅଙ୍ଗନୱାଡି କର୍ମୀ ରୀନା ସତନାମୀଙ୍କୁ ଅବ୍ୟବସ୍ଥା ସମ୍ପର୍କରେ ପଚାରିବାକୁ ଯାଇଥିଲେ। ସେଠାରେ ଅଙ୍ଗନୱାଡି କର୍ମୀ ନ ଥିବା ବେଳେ ରୋଷେୟା ଉପସ୍ଥିତ ଥିଲେ। ଅଙ୍ଗନୱାଡି କର୍ମୀଙ୍କୁ ଅନ୍ୟତ୍ର ବଦଳି କରା ନ ଗଲେ ସିଡିପିଓ ଅଫିସ ଘେରାଉ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି। ଅଙ୍ଗନବାଡି କର୍ମୀ ରୀନା ସତନାମୀଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସେ ଏହାକୁ ଖଣ୍ଡନ କରିଛନ୍ତି। ଗାଁର କେତେଜଣ କିଛିଦନ ତଳେ ଅଣ୍ଡା ମାଗିଥିଲେ। ମୁଁ ଦେବାକୁ ମନା କରିବାରୁ ଏ ଭଳି ଘଟଣା ଘଟିଛି ବୋଲି ସେ କହିଛନ୍ତି।




ମହିଳାମାନେ ଅଙ୍ଗନୱାଡି କେନ୍ଦ୍ର ଘେରାଉ କରିଛନ୍ତି।

# ଆଦିବାସୀ ସଂଘର୍ଷ ମୋର୍ଚ୍ଚା ପକ୍ଷରୁ ଅନଶନ

## ପ୍ରକୃତ ପୁଟାସିଂରେ ପଞ୍ଚାୟତ ଦାବି

ଗୁଣପୁର,୧୦।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ବ୍ଲକର ବର୍ତ୍ତମାନ ଅବସ୍ଥିତ ପୁଟାସିଂ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାନାନ୍ତର କରି ପ୍ରକୃତ ସ୍ଥାନରେ ନିର୍ମାଣ ଦାବିକରି ଆଦିବାସୀ ସଂଘର୍ଷ ମୋର୍ଚ୍ଚା ପକ୍ଷରୁ ସୋମବାର ଅନଶନ ଆରମ୍ଭ ହୋଇଛି। ଦୀର୍ଘ ୭୫ ବର୍ଷ ତଳେ ପ୍ରକୃତ ପୁଟାସିଂ ଗ୍ରାମରେ ପଞ୍ଚାୟତ କାର୍ଯ୍ୟାଳୟ ନ କରି ଅନ୍ୟତ୍ର କରାଯିବାକୁ ଆଦିବାସୀ ସଂଘର୍ଷ ମୋର୍ଚ୍ଚା ପକ୍ଷରୁ ତୀବ୍ର ବିରୋଧ କରାଯିବା ସହ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଛନ୍ତି। ଏହି ପଞ୍ଚାୟତ ୬ ରାଜସ୍ୱ ଗ୍ରାମକୁ ନେଇ ଗଠିତ। ଏବେ ପଞ୍ଚାୟତ କାର୍ଯ୍ୟାଳୟ ପୁଟା ଗ୍ରାମରେ ହେବା କଥା। ଏହା ନ କରି ରାଜସ୍ୱ ବିଭାଗର କାଗଜପତ୍ର ଏପଟ ସେପଟ କରି ସେ ସମୟରେ ପୁଟା ଗ୍ରାମରେ କରାଯାଇନାହିଁ। ୭୫ବର୍ଷ ତଳେ ଘୋଷଣା ଅନୁଯାୟୀ ପୁଟା ଗ୍ରାମରେ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାପନ ନିମନ୍ତେ ଏବେ ଦାବି ଜୋର ଧରିଛି। ସେହିଭଳି ଏମ୍‌ଜିଏନ୍‌ଆରଇଜିଏସରେ ସମସ୍ତଙ୍କୁ କାମ ଯୋଗାଇବା, ପ୍ରତି ପରିବାରକୁ ଶ୍ରମକାର୍ଡ ପ୍ରଦାନ, ହିତାଧିକାରୀଙ୍କ ଘରକୁ ଯାଇ ଭତ୍ତା ଟଙ୍କା ବଣ୍ଟନ, ପ୍ରତି ଗାଁରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିବା ଆଦି ସଙ୍ଗଠନ ଦାବି କରିଛି। ଆବାହକ ତ୍ରିପତି ଗମାଙ୍କ ଅନଶନର ନେତୃତ୍ୱ ନେଇଥିଲେ।




ଶୋଭାଯାତ୍ରାରେ ଆଦିବାସୀ ସଂଘର୍ଷ ମୋର୍ଚ୍ଚାର ସଦସ୍ୟମାନେ।

## ସଂକ୍ଷେପରେ

### ପୂର୍ବତନ ନାଏବ ସରପଞ୍ଚଙ୍କୁ ଗୁଳିକରି ହତ୍ୟା ଉଦ୍ୟମ

ମାଲକାନଗିରି,୧୦।୧୦ (ଡି.ଏନ୍.ଏ.)- ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ଜଣେ ପୂର୍ବତନ ନାଏବ ସରପଞ୍ଚଙ୍କୁ ମାଓବାଦୀମାନେ ଗୁଳିକରି ହତ୍ୟା ଉଦ୍ୟମ କରିଛନ୍ତି। କାଙ୍କେର ଜିଲା କୋୟଲିବେଡା ବ୍ଲକ ଅନ୍ତର୍ଗତ ଚାରଗାନ୍ଧ ଗ୍ରାମରେ ଏପରି ଘଟଣା ଘଟିଛି। ଗ୍ରାମର ସିୟାରାମ ରାମଟେକେ ରାଜନୀତିରେ ଜଣେ ସକ୍ରିୟ ବ୍ୟକ୍ତି ଥିଲେ। ସେ ଏହା ପୂର୍ବରୁ ନାଏବ ସରପଞ୍ଚ ଭାବେ କାର୍ଯ୍ୟ କରୁଥିଲେ। ତେବେ ପୋଲିସ ସୂଚନାଦାତା ସନ୍ଦେହରେ ମାଓବାଦୀମାନେ ରବିବାର ରାତିରେ ତାଙ୍କୁ ଗୁଳି କରି ହତ୍ୟା ଉଦ୍ୟମ କରିଥିଲେ। ତାଙ୍କ ଗୋଡରେ ଓ ପେଟରେ ଗୁଳି ବାଜିଛି। କାଙ୍କେର ଜିଲା ଚିକିତ୍ସାଳୟରେ ତାଙ୍କ ଚିକିତ୍ସା କରାଯାଉଥିବା ପୋଲିସ ସୂତ୍ରରୁ ପ୍ରକାଶ।

### କଂଗ୍ରେସ କର୍ମୀଙ୍କ ସହ ଦୁଇ ମହିଳା ମାଓବାଦୀ ଗିରଫ

ମାଲକାନଗିରି,୧୦।୧୦ (ଡି.ଏନ୍.ଏ.)- ମାଲକାନଗିରି ଜିଲା ସୀମାନ୍ତ ତେଲେଙ୍ଗଣା ପୋଲିସ କଂଗ୍ରେସ କର୍ମୀଙ୍କ ସହ ଦୁଇ ମହିଳା ମାଓବାଦୀଙ୍କୁ ଗିରଫ କରିଛି। ଛତିଶଗଡ ବିଜାପୁର ଜିଲା ଭୁପାଲାପଟନମ୍ ବ୍ଲକ କଂଗ୍ରେସ କମିଟି ମୁଖ୍ୟ କେ.ଜି. ସତ୍ୟମ୍ ଦୁଇ ମହିଳା ମାଓବାଦୀଙ୍କୁ ଚିକିତ୍ସା ପାଇଁ ତେଲେଙ୍ଗଣାକୁ ନେଉଥିଲେ। କୌଣସି ସୂତ୍ରରୁ ତେଲେଙ୍ଗଣା ହାନ୍‌ମାକୋଣ୍ଡା ପୋଲିସ ଖବର ପାଇ କେ.ଜି. ସତ୍ୟମଙ୍କ ସହ ଉକ୍ତ ଦୁଇ ମହିଳା ମାଓବାଦୀଙ୍କୁ ଗିରଫ କରିଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ସେମାନଙ୍କୁ ପଚରାଉଚରା ଜାରି ରହିଛି।

### ମହମ୍ମଦ ଜୟନ୍ତୀ ପାଳିତ

ମାଲକାନଗିରି,୧୦।୧୦ (ଡି.ଏନ୍.ଏ.)- ମାଲକାନଗିରି ସଦର ମହକୁମାରେ ମହମ୍ମଦଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମୁସଲିମ ସମ୍ପ୍ରଦାୟ ପକ୍ଷରୁ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ବହୁ ସଂଖ୍ୟାରେ ମୁସଲିମ ସମ୍ପ୍ରଦାୟର ଲୋକେ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ପରେ ଦୈନିକ ବଜାର ନିକଟରେ ଥିବା ମସଜିଦ୍‌ରେ ପ୍ରାର୍ଥନା କରିଥିଲେ। କାର୍ଯ୍ୟକ୍ରମରେ ୨ଶହରୁ ଊର୍ଦ୍ଧ୍ୱ ମୁସଲିମ ମହିଳାପୁରୁଷଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

### ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ



ଜୟପୁର,୧୦।୧୦ (ନି.ପ୍ର.)- ଜିଲା ଆଇନ ସେବା ପ୍ରାଧିକରଣ କୋରାପୁଟ-ଜୟପୁର ପକ୍ଷରୁ ସୋମବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କୋରାପୁଟସ୍ଥିତ ମାନସିକ ବୌଦ୍ଧିକ ଅକ୍ଷମତା ବିଦ୍ୟାଳୟରେ ଏକ ସଚେତନତା ଶିବିର ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସଚିବ ଜିଲା ଆଇନସେବା ପ୍ରାଧିକରଣ, ଜୟପୁର ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ସୁମନ ଜେନା ଏବଂ କୋରାପୁଟ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ କୁମାର ହିଆଲ, ମାନସ ଭିନ୍ନକ୍ଷମ ବିଦ୍ୟାଳୟର ଅଧକ୍ଷ ପ୍ରକାଶ ଦେହୁରି ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଶିବିରରେ ଉପସ୍ଥିତ ଥିଲେ। ମାନସିକ ଓ ବୌଦ୍ଧିକ ବ୍ୟକ୍ତିଙ୍କୁ ସମାଜରେ ମୁଖ୍ୟ ସ୍ରୋତରେ ସାମିଲ ପାଇଁ ରହିଥିବା ବିଭିନ୍ନ ଯୋଜନା ଓ ଆଇନ ସେବା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା।

# ଲାଇନ୍‌ମ୍ୟାନଙ୍କ କାର୍ଯ୍ୟକୁ ବିରୋଧ

ପଟ୍ଟାଙ୍ଗୀ,୧୦।୧୦(ଡି.ଏନ.ଏ.)

ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନେ କିପରି ବିଦ୍ୟୁତ ସେବା ପାଇପାରିବେ ସେନେଇ ସରକାର ବିଭିନ୍ନ ସମୟରେ ପଦକ୍ଷେପ ନେଉଛନ୍ତି। ମାତ୍ର କେତେକ ଅସାଧୁ କର୍ମଚାରୀଙ୍କ ଯୋଗୁ ଲୋକେ ବିଭିନ୍ନ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ଗ୍ରାମବାସୀଙ୍କଠାରୁ ଅର୍ଥ ଆଦାୟ କରି କେତେକ କର୍ମଚାରୀ କୌଣସି ରସିଦ୍ ପ୍ରଦାନ କରୁ ନ ଥିବା ଅଭିଯୋଗ ହେଉଛି। କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଅମ୍ବାବାଲି ପଞ୍ଚାୟତର ପାଲବାଲସା, ମୂଳାଗୁଡା, ଗୁମୁଡୁପାଡୁ, ଚିନ୍ତାଲଗୁଡା, ରାଙ୍ଗିନିଗୁଡା, ତଳମାଉଡି, ନାରିଙ୍ଗିଗୁଡା, ବନ୍ଧାଗୁଡା ଆଦି ୮ଟି ଗ୍ରାମର ଗ୍ରାମବାସୀ ଏକାଠି ହୋଇ ଟିପିଏସଓଡିଏଲ୍‌ର ସେକ୍ସନ ଅଫିସରେ କନିଷ୍ଠ ଯନ୍ତ୍ରୀ ଅମିୟ ଭଞ୍ଜଙ୍କ ଅନୁପସ୍ଥିତିରେ ଆରପିଓ ସର୍ମିତ ଦତ୍ତଙ୍କୁ ଦାବିପତ୍ର ଦେଇଛନ୍ତି। ଏହାର ନକଲ ସେମାନେ ଜିଲାପାଳ ଏବଂ ବିଭାଗୀୟ ଏସଡିଓଙ୍କ ନିକଟକୁ ପଠାଇଛନ୍ତି। ୨୦୧୪ରେ ଉପରୋକ୍ତ ସବୁ ଗ୍ରାମକୁ ରାଜୀବ ଜ୍ୟୋତି ଏବଂ ବିଜୁ ଗ୍ରାମୀଣ ଜ୍ୟୋତି ଯୋଜନାରେ ବିଦ୍ୟୁତ ସେବା ମିଳିଥିଲା । ବିଦ୍ୟୁତ୍ ବ୍ୟବହାର କରି ଯାହା ବି ବିଲ୍ ଆସୁଥିଲା ତାହା ଠିକ ସମୟରେ ଗ୍ରାମବାସୀ ପୈଠ କରୁଥିଲେ। ମାତ୍ର ସୁଙ୍କି ସେକ୍ସନ ଦାୟିତ୍ୱରେ ଥିବା ଲାଇନମ୍ୟାନ ସତ୍ୟ ତ୍ରିପାଠୀ ଉକ୍ତ ଅଞ୍ଚଳରେ ପହଞ୍ଚି ବିଭିନ୍ନ ସମୟରେ ବିଦ୍ୟୁତ୍ ବିଚ୍ଛିନ୍ନ କରି ଗ୍ରାମବାସୀଙ୍କଠାରୁ ଅର୍ଥ ଆଦାୟ କରି ବିଦ୍ୟୁତ୍ ସେବା ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ ଜୁନରେ ପାଲବାଲସା ଗ୍ରାମର ହନ୍ତାଳ ଗୋବିନ୍ଦ ଏକ ଚାଉଳ ମିଲ ପାଇଁ ବିଦ୍ୟୁତ ସେବା ଯୋଗାଇ ଦେବାକୁ ଲାଇନମ୍ୟାନ ତ୍ରିପାଠୀଙ୍କ ନିକଟକୁ ଯାଇଥିଲେ। ଏହି ସମୟରେ ଲାଇନମ୍ୟାନ ତ୍ରିପାଠୀ ହନ୍ତାଳଙ୍କଠାରୁ ୧୦ ହଜାର ଟଙ୍କା ନେଇ କୌଣସି ରସିଦ ଦେଇ ନ ଥିଲେ। ବିଦ୍ୟୁତ ସେବା ମଧ୍ୟ ତାଙ୍କୁ ଯୋଗାଇ ଦେଇ ନ ଥିଲେ। ସେହିପରି ତଡାମାଉଡି ଗ୍ରାମର ଗେମେଲ ପାଣ୍ଡାନାଙ୍କ ବିଦ୍ୟୁତ ସମସ୍ୟା ରହିଥିଲେ ମଧ୍ୟ ତାଙ୍କୁ ହାତଖର୍ଚ୍ଚ ନ ଦେବାରୁ ତ୍ରିପାଠୀ ବିଦ୍ୟୁତ୍ ସେବା ଦେଇ ନ ଥିଲେ। ଫଳରେ ତ୍ରିପାଠୀ ପାଣ୍ଡାନାଙ୍କୁ ଏକ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ୨୫୦୦ ଟଙ୍କା ନେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଲାଇନମ୍ୟାନ ତ୍ରିପାଠୀଙ୍କ ବିରୋଧରେ ଏବେ ଗ୍ରାମବାସୀ ଏକାଠି ହୋଇ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କୁ ଅନ୍ୟତ୍ର ବଦଳି କରା ନ ଗଲେ ଗ୍ରାମବାସୀ ପୁଣି ଏକାଠି ହୋଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।




ଲାଇନ୍‌ମ୍ୟାନଙ୍କ କାର୍ଯ୍ୟକଳାପକୁ ଗ୍ରାମବାସୀ ବିରୋଧ କରୁଛନ୍ତି ।

**୮ ଗ୍ରାମର ଗ୍ରାମବାସୀ କନିଷ୍ଠ ଯନ୍ତ୍ରୀଙ୍କୁ ଦେଲେ ଦାବିପତ୍ର**

# 'ମୁଁ ବଞ୍ଚିବାକୁ ଚାହେଁ'

କୋରୁକୋଣ୍ଡା ୧୦।୧୦(ଡି.ଏନ. ଏ)

ସୋମବାର ମାଲକାନଗିରି ଜିଲା ବାଲିମେଳାସ୍ଥିତ ସହଯୋଗ ଟିମର କେତେକ ସଦସ୍ୟ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି। ସେଠାରେ ବୃନ୍ଦା କବାସୀ ନାମକ ଭିନ୍ନକ୍ଷମ ଅନାଥ ମହିଳା ତାଙ୍କ ପରିବାର ଭରଣପୋଷଣ ନିମନ୍ତେ ନିବେଦନ କରିଥିଲେ । ତାଙ୍କୁ ସରକାରଙ୍କ ପକ୍ଷରୁ ଭିନ୍ନକ୍ଷମ ଭତ୍ତା ବାବଦରେ ୧୨ଶହ ଟଙ୍କା ଓ ପଞ୍ଚାୟତରୁ ୧୦କିଲୋ ଚାଉଳ ମିଳୁଛି । ଜଣେ ଶଯ୍ୟାଶାୟୀ ଓ ଅନ୍ୟଜଣେ ଭିନ୍ନକ୍ଷମ ହୋଇଥିବାରୁ ସେମାନଙ୍କ ରୋଜଗାରର ଅନ୍ୟ କୌଣସି ପନ୍ଥା ନାହିଁ। କଟକ ଏସସିବି ମେଡିକାଲ କଲେଜରେ ବୃନ୍ଦା ୪ଟି ଅପରେଶନ ହୋଇଛନ୍ତି। ତାଙ୍କ ବିଭିନ୍ନ ଗଣ୍ଠିରେ ଷ୍ଟିଲ ଜଏଣ୍ଟ ଲାଗିଛି। ଅର୍ଥାଭାବ ଯୋଗୁ ସେ ପୌଷ୍ଟିକ ଖାଦ୍ୟ ପାଇପାରୁନାହାନ୍ତି। ଏନେଇ ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ସହଯୋଗ ଟିମ ସଦସ୍ୟମାନେ ଭେଟିଥିଲେ। ସମାଜିକ କର୍ମୀ ରାମକୃଷ୍ଣ ଚୌଧୁରୀ ଓ ସୁଧାସିନି ମହାରଣାଙ୍କୁ ଏହି ସମୟରେ ଏକ ପତ୍ର ଦେଇଥିଲେ । ପ୍ରକଳ୍ପ ନିର୍ଦ୍ଦେଶକ ଏହାକୁ ଗୁରୁତର ସହ ନେଇ ପଦକ୍ଷେପ ନେବାକୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଓ ଜିଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ସହାୟତା ପାଇଁ ପ୍ରଶାସନକୁ ନିବେଦନ କରୁଥିବା ମହିଳା ।

# ଆଇଆଇସିଙ୍କ ସହ ଅନ୍ୟ କର୍ମଚାରୀ କଲେ ସଫେଇ

ବୋରିଗୁମ୍ମା,୧୦।୧୦(ଡି.ଏନ.ଏ.)

କୋରାପୁଟ ଜିଲା ବୋରିଗୁମ୍ମା ସହରରେ ଠିକ ଭାବେ ସଫେଇ ହେଉ ନ ଥିବା ଅଭିଯୋଗ ହେଉଛି। ଦଶହରା ଶେଷ ପରେ ଜାତୀୟ ରାଜପଥରେ କୁଢ କୁଢ ଅଳିଆ ପଡି ରହିଥିଲା। ଏହାକୁ ସଫା କରିବା ଲାଗି କେହି ଗୁରୁତ୍ୱ ଦେଉ ନ ଥିଲେ। ଫଳରେ ଥାନା ସମ୍ମୁଖ ଜାତୀୟ ରାଜପଥ ଅଳିଆ ଆବର୍ଜନାରେ ପୋତି ହୋଇ ରହିଥିଲା। ଥାନା ପକ୍ଷରୁ ପଞ୍ଚାୟତ କର୍ମଚାରୀଙ୍କୁ ସଫେଇ ପାଇଁ ଯେତେ କହିଲେ ମଧ୍ୟ କେହି ଶୁଣୁ ନ ଥିଲେ। ଶେଷରେ ଆଇଆଇସି କ୍ଷୀରେଶ୍ୱର ସାହୁଙ୍କ ତତ୍ତ୍ୱାବଧାନରେ ଥାନା କର୍ମଚାରୀ ସଫେଇ କରିଥିଲେ। ସୂର୍ଯ୍ୟଭାନୁ ପୂଜା ମଣ୍ଡପଠାରୁ ଆରମ୍ଭ କରି ଛକ ପର୍ଯ୍ୟନ୍ତ ଅଳିଆ ଆବର୍ଜନା ସଫା କରି ରାସ୍ତା ପାର୍ଶ୍ୱରେ ବ୍ଲିଚିଂ ପାଉଡର ପକାଯାଇଥିଲା। ବୋରିଗୁମ୍ମା ସଦର ମହକୁମାରେ ଯଦି ପରିମଳ ବ୍ୟବସ୍ଥା ଏପରି ବିପର୍ଯ୍ୟସ୍ତ ତେବେ ଗ୍ରାମାଞ୍ଚଳରେ ପରିମଳ ବ୍ୟବସ୍ଥା କିପରି ହୋଇଥିବ ତାହା ସହଜରେ ବୁଝାପଡୁଛି। ବୋରିଗୁମ୍ମା ସହର ର କୌଣସି ନାଳ ନର୍ଦ୍ଦମା ସଫା ହୋଇ ପାରୁ ନ ଥିବା ବେଳେ ବହୁ ସମୟରେ ରାସ୍ତା ପାର୍ଶ୍ୱରେ କୁଢ କୁଢ ଅଳିଆ ପଡି ରହୁଥିବା,ଦେଖିବାକୁ ମିଳୁଛି। ପ୍ରଶାସନ ସଫେଇ କାର୍ଯ୍ୟ କରିବା ପାଇଁ ସାଧାରଣରେ ଦାବି ହେଉଛି। ସଫେଇ କାର୍ଯ୍ୟରେ ଅତିରିକ୍ତ ଥାନା ଅଧିକାରୀ ଡମ୍ବୁ ପରଜା, ଏଏସଆଇ ସଞ୍ଜୟ ମଣ୍ଡଳ,ପଦ୍ମଲୋଚନ ନାୟକ,ସୁବାସ ଷଡଙ୍ଗୀ, ଦିବ୍ୟରଞ୍ଜନ ନାୟକଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।



ଆଇଆଇସିଙ୍କ ସହ ଅନ୍ୟ କର୍ମଚାରୀମାନେ ରାସ୍ତାପାର୍ଶ୍ୱରୁ ଅଳିଆ ସଫା କରୁଛନ୍ତି ।

# ଶିକ୍ଷକ ନିଯୁକ୍ତି ନେଇ ଆସିଥିଲା ଅଧିକ ଅଭିଯୋଗ

କୁନ୍ଦୁରା,୧୦।୧୦ (ଡି.ଏନ.ଏ.)

କୋରାପୁଟ ଜିଲା କୁନ୍ଦୁରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୈଠକ ଗୃହରେ କୋରାପୁଟ ଜିଲାପାଳ ସୋମବାର ୩୮ଟି ବ୍ୟକ୍ତିଗତ ଏବଂ ୫ଟି ଗୋଷ୍ଠୀଗତ ଅଭିଯୋଗର ଶୁଣାଣି କରିଛନ୍ତି। ଏଥିରେ କୋରାପୁଟ ଏସ୍‌ପି ବରୁଣ ଗୁଣ୍ଟୁପାଲି, କୁନ୍ଦୁରା ପଞ୍ଚାୟତ ସମିତି ଅଧକ୍ଷା ରାଜେଶ୍ୱରୀ ପରଜା, ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଗୌରବ ଇସଲୱାର, ପ୍ରଥମେଶ ରାଜେଶ୍ରିକେ,ଏଡିଏମ, ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ଶମ୍ଭୁ ପ୍ରସାଦ ହରପାଲ, ବିଡିଓ ସନ୍ଧ୍ୟା ସମରଥ, ତହସିଲଦାର ଆୟୁବ ମଣ୍ଡଳ, ଥାନା ଅଧିକାରୀ ସର୍ମପିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶୁଣାଣି ବେଳେ ଶିକ୍ଷକ ନିଯୁକ୍ତି ନେଇ ଅଧିକ ଅଭିଯୋଗ ଆସିଥିଲା। କୁନ୍ଦୁରା ସମବାୟ କାର୍ଯ୍ୟାଳୟରେ ଚଳିତ ଖରିଫ ଋତୁରେ ୪୬୨ ଜଣ ଚାଷୀଙ୍କ ନାମ ପଞ୍ଜୀକରଣ ହୋଇ ନ ଥିବା କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏନେଇ ଜିଲାପାଳ କେଉଁ ଚାଷୀ ପଞ୍ଜୀକରଣରୁ ବାଦ ପଡିଛନ୍ତି ସେମାନଙ୍କ କାଗଜପତ୍ର ଜିଲା କାର୍ଯ୍ୟାଳୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟରତ ଇଓମାନଙ୍କ ଅବହେଳା ଯୋଗୁ ଏଭଳି ହୋଇଥିବା ଜଣାପଡିଛି। ଉଙ୍ଗରପାଉଁଶି ସରପଞ୍ଚ ଘାସି ଭତ୍ରା ଭେଜାହାଣ୍ଡିସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ଖୋଲିବା ପାଇଁ ଦାବି କରିଥିଲେ। ଏହି ଶିକ୍ଷା ଅନୁଷ୍ଠାନରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଆଦିବାସୀ ହରିଜନ ଛାତ୍ରୀଛାତ୍ର ହଷ୍ଟେଲରେ ରହି ପାଠ ପଢୁଥିବା ବେଳେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢା ହେଉଛି। ଉଙ୍ଗର ପାଉଁଶି ପଞ୍ଚାୟତ ଦୋରାଗୁଠାରେ ନଦୀ ନିକଟରେ ଏକ କଲଭର୍ଟ କରିବାକୁ ମଧ୍ୟ ଶୁଣାଣି ବେଳେ ଦାବି ହୋଇଥିଲା। କୁନ୍ଦୁରା ସରପଞ୍ଚ ଲବ ପରଜା ଏବଂ ସମିତିସଭ୍ୟ ଦାମୋଦର ଗୁଣ୍ଠା ମେଗା ଜଳପ୍ରକଳ୍ପରୁ ଏକ ଡାଇଭର୍ସନ ଦେଲେ ଅନେକ ଚାଷୀ ଉପକୃତ ହେବେ ବୋଲି ପ୍ରକାଶ କରିଥିଲେ। ଉପାନ୍ତ କେରିମିଟି ପଞ୍ଚାୟତ ଅନ୍ତର୍ଗତ କନ୍ଦାଯୋଡାଠାରେ ଥିବା କୋଲାବ ନଦୀରେ ଏକ ସେତୁ ନିର୍ମାଣ ନେଇ ଜିଲାପାଳଙ୍କୁ କେରିମିଟି ସରପଞ୍ଚ ଜଣାଇଥିଲେ। କେତେକ ୫-ଟି ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ନେଇ ମଧ୍ୟ ଅଭିଯୋଗ ଆସିଥିଲା। କୁନ୍ଦୁରା ବ୍ଲକର ସୀମାନ୍ତ ପଞ୍ଚାୟତ ରାଣୀଗୁଡା ନିକଟରେ ଥିବା ରେଳ ବିଭାଗର ଟନେଲଠାରେ ଅଳ୍ପ ବର୍ଷା ହେଲେ ରାସ୍ତା ଉପରେ ପାଣି ଜମୁଥିବା ନେଇ ମଧ୍ୟ ଅଭିଯୋଗ ରହିଥିଲା। ଏହି ରାସ୍ତା କୁନ୍ଦୁରା ଏବଂ କୋଟପାଡ ବ୍ଲକ ସଂଯୋଗ କରୁଛି। ଅଧିକ ବର୍ଷା ହେଲେ ଲୋକେ ୨୦ କିମି ରାସ୍ତା ବୁଲି ଯାତାୟାତ କରୁଥିବା ପ୍ରକାଶ କରିଥିଲେ।




ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି ।

**୩୮ ବ୍ୟକ୍ତିଗତ, ୫ ଗୋଷ୍ଠୀଗତ ଅଭିଯୋଗର ଶୁଣାଣି କଲେ ଜିଲାପାଳ**

### ଜୟପୁରରେ ଗଜଲକ୍ଷ୍ମୀ ପୂଜା

ଜୟପୁର, ୧୦।୧୦(ନି.ପ୍ର.)- ଗଜଲକ୍ଷ୍ମୀ ପୂଜା ନେଇ ଜୟପୁର ସହର ଚଳଚଞ୍ଚଳ ହୋଇଉଠିଛି। ରାଜନହର ଛକରେ ଧନଦାତ୍ରୀଙ୍କ ପୂଜା ମହା ଆଡମ୍ବରରେ ପାଳିତ ହୋଇଛି। ୯ ତାରିଖରୁ ଆରମ୍ଭ ହୋଇଥିବା ଏହି ପୂଜା ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। କୁଙ୍କୁମ ପୂଜା, ସାମୂହିକ ଦୀପ ଦାନ, ଅନ୍ନପ୍ରସାଦ ସହ ବିସର୍ଜନ କାର୍ଯ୍ୟକ୍ରମ ରହିଥିବା ପୂଜା କମିଟି ପକ୍ଷରୁ କୁହାଯାଇଛି। ଦୀର୍ଘ ୧୧ ଦିନ ଧରି ଏଠାରେ ଗଜଲକ୍ଷ୍ମୀଙ୍କ ନିକଟରେ ସ୍ୱତନ୍ତ୍ର ପୂଜା, ହୋମ, ଯଜ୍ଞ, ଆଳତି ଆଦି ହେବ। ସେହିପରି ସବୁ ବର୍ଷ ପରି ବାଙ୍କମଠ ପରିସରରେ ମଧ୍ୟ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ୧୩ ତାରିଖରେ ଦୀପଦାନ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

### ଲଗାଣ ବର୍ଷାରେ ଭୁଶୁଡିଲା କାନ୍ଥ

ପାରଳାଖେମୁଣ୍ଡି,୧୦।୧୦(ଡି.ଏନ୍.ଏ.)

ଗଜପତି ଜିଲା ମୋହନା ଅଞ୍ଚଳର ଲଗାଣ ବର୍ଷାରେ ଜଣେ ବ୍ୟକ୍ତିଙ୍କ ଘର କାନ୍ଥ ଭୁଶୁଡି ପଡିଛି। ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। କୁସୁମପଲ୍ଲୀ ଗାଁର ଲିଙ୍ଗରାଜ ନାୟକ ତାଙ୍କ ପରିବାର ସହ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ କାନ୍ଥ ଭୁଶୁଡି ପଡିଛି । ଶବ୍ଦ ଶୁଣି ଦମ୍ପତି ଘରୁ ବାହାରକୁ ବାହାରି ଆସିଥିଲେ। ଏଥିରେ କେହି ଆହତ ହୋଇ ନାହାନ୍ତି । ଘରର ଖାଦ୍ୟ ସାମଗ୍ରୀ ଓ ଜିନିଷ ପତ୍ର ନଷ୍ଟ ହୋଇଯାଇଛି। ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇବା ପାଇଁ ଦାବି ହୋଇଛି ।



ମାଲକାନଗିରିରେ ପୂଜା ମଣ୍ଡପରେ ପୂଜା ପାଉଥିବା ମା'ଗଜଲକ୍ଷ୍ମୀ ।

# ନ୍ୟାୟ ଅପେକ୍ଷାରେ ଭିନ୍ନକ୍ଷମ, ଅସହାୟା ମହିଳା

କୋରୁକୋଣ୍ଡା ୧୦।୧୦(ଡି.ଏନ. ଏ.)

ନ୍ୟାୟ ଅପେକ୍ଷାରେ ରହିଛନ୍ତି ଜଣେ ଭିନ୍ନକ୍ଷମ, ସ୍ୱାମୀ ପରିତ୍ୟକ୍ତା ମହିଳା। ସେ ନିଜ ଗ୍ରାମ ଏମ.ପି.ଭି-୬୯ରେ ଅଙ୍ଗନୱାଡି କର୍ମୀ ରୂପେ କାର୍ଯ୍ୟ କରିବାକୁ ଆବେଦନ କରିଥିଲେ। ଭିନ୍ନକ୍ଷମ ପ୍ରମାଣପତ୍ର ଲାଗି ମଧ୍ୟ ପ୍ରଶାସନକୁ ଅନୁରୋଧ କରିଥିଲେ। ଏହା ଗତ ୧୭।୮।୨୨ରେ ପାଇବା ପରେ ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ଦାଖଲ କରିଥିଲେ । ଅଧସ୍ତନ କର୍ମଚାରୀଙ୍କ ମାଧମରେ ଏହାର ଯାଞ୍ଚ ମଧ୍ୟ ହୋଇଥିଲା। ମାତ୍ର ଭିନ୍ନକ୍ଷମ ଚୟନ ସମୟରେ ଭିନ୍ନକ୍ଷମ ପ୍ରମାଣପତ୍ରକୁ ସଲଗ୍ନ କରି ନ ଥିଲେ । ଏନେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ୧୫।୯।୨୨ରେ ମଧ୍ୟ ଭିନ୍ନକ୍ଷମ ପ୍ରମାଣପତ୍ରକୁ ଗ୍ରହଣ କରି ଅସହାୟ ମହିଳାପ୍ରତି ଅନ୍ୟାୟ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ । ମାତ୍ର ୧୯।୯।୨୨ରେ ଏହାକୁ ଗୁରୁତ୍ୱ ନ ଦେଇ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଚୟନ କରି ନିଯୁକ୍ତି ଦେଇଥିଲେ । ଏପରି ଅନ୍ୟାୟର ପ୍ରତିବାଦରେ ସୋମବାର ସମ୍ପୃକ୍ତା ମହିଳା ମିନା ଚକ୍ରବର୍ତ୍ତୀ ଓ କେତେକ ଗ୍ରାମବାସୀ ପଡିଆ ବ୍ଲକ ସଦର ମହକୁମାସ୍ଥିତ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଉପଜିଲାପାଳ ଏ ସମ୍ପର୍କରେ ଜାଣିଥିବା ଜାଣିବା ପରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଏହାର ତଦନ୍ତ କରି ଜିଲାପାଳଙ୍କୁ ତୁରନ୍ତ ରିପୋର୍ଟ ଦେବାକୁ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ ।

# ଏମ୍‌ଭି-୭୯ ଥାନାରେ ଆମ ପୋଲିସ ବୈଠକ

ମାଲକାନଗିରି/ଏମ୍‌ଭି-୭୯, ୧୦।୧୦(ଡି.ଏନ.ଏ.)

ମାଲକାନଗିରି ଜିଲା ଏମ୍‌ଭି ୭୯-ଥାନାରେ ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକେ କିପରି ସାଇବର କ୍ରାଇମର ଠକେଇ ହେଉଛନ୍ତି ଏବଂ ତାହା ଉପରେ କିପରି ରୋକେ ଲଗାଯାଇପାରିବ ସେନେଇ ଆଲୋଚନା ହୋଇଥିଲା। ଥାନା ଅଧିକାରୀ ମୁକୁନ୍ଦ ମେଲକା, ସେକେଣ୍ଡ ଅଫିସର ନରେନ୍ଦ୍ର ପ୍ରସାଦ ଭତ୍ରା ଏବଂ ଏଏସ୍‌ଆଇ ନବୀନ ଚନ୍ଦ୍ର ପୂଜାରୀ ପ୍ରାଞ୍ଜଳ ଭାବେ ବୁଝାଇ କୌଣସି ଅଜଣା କଲ୍ ପାଇଲେ ତାକୁ ଗ୍ରହଣ ନ କରି ପୋଲିସକୁ ସୂଚନା ଦେବାକୁ ପରାମର୍ଶ ଦେଇଥିଲେ। ଲୋକମାନେ ଠକେଇରେ ନ ପଡନ୍ତୁ, ସାଇବର ଲୁଟେରାମାନେ କିଭଳି ପ୍ରଲୋଭନ ଦେଖାନ୍ତି ସେନେଇ ଆଲୋଚନା କରାଯାଇ କେହି ଯଦି ଅନ ଲାଇନ ମାଧ୍ୟମରେ କୌଣସି ପ୍ରକାର ପ୍ରଲୋଭନ ଦେଖାନ୍ତି ତେବେ ତୁରନ୍ତ ନିକଟସ୍ଥ ଥାନାକୁ ଯୋଗାଯୋଗ କରିବା ପାଇଁ କୁହାଯାଇଥିଲା। ବୈଠକରେ ଏମ୍‌ଭି-୭୯ ଅଞ୍ଚଳର ବୁଦ୍ଧିଜୀବୀ ସତଦଲ ମଣ୍ଡଳ, ପୂର୍ବତନ ଜିଲା ପରିଷଦ ସଭ୍ୟ ପରିତୋଷ ସରକାର, ତଣ୍ଡାବାଇ ସରପଞ୍ଚ ସତ୍ୟମ ମାଡକାମୀ, ସମିତିସଭ୍ୟ ନାଗା କାରାମ, ତେଲେରାଇ ସରପଞ୍ଚ ମୁତା ସୋଡି ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



ଥାନା ଅଧିକାରୀ ଗ୍ରାମବାସୀଙ୍କୁ ସାଇବର କ୍ରାଇମ୍ ସମ୍ପର୍କରେ ସଚେତନ କରୁଛନ୍ତି ।

### ଗଞ୍ଜେଇ ଚୋରାଚାଲାଣରେ ସମ୍ପୃକ୍ତ ଫେରାର ଅଭିଯୁକ୍ତ ଗିରଫ

ବୈପାରିଗୁଡା,୧୦।୧୦ (ଡି.ଏନ୍.ଏ.)

ଗତ ୫ ମାସ ତଳେ ଗଞ୍ଜେଇ ଚୋରାଚାଲାଣରେ ସମ୍ପୃକ୍ତ ଥାଇ ଫେରାର ଥିବା ଅଭିଯୁକ୍ତଙ୍କୁ ବୈପାରିଗୁଡା ପୋଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ବୈପାରିଗୁଡା ଥାନା ଅନ୍ତର୍ଗତ ପୂଜାରିଗୁଡା ପଞ୍ଚାୟତ ଭେଜାପାବିଲି ଗ୍ରାମର ଲକ୍ଷ୍ମଣ ଦଣ୍ଡସେନା। ଜୁନ୍ ୨୮ରେ ଲକ୍ଷ୍ମଣ ଏକ ଅଟୋରିକ୍ସାରେ ଗଞ୍ଜେଇ ଭର୍ତ୍ତି କରି ବାହାରକୁ ଚାଲାଣ କରୁଥିବା ବେଳେ ସ୍ଥାନୀୟ ବୀରଖମ୍ବ ରାସ୍ତାରେ ପୋଲିସ୍ ହାତରେ ଧରାପଡିଥିଲେ। ତେବେ ସେଠାରୁ ସେ କୌଶଳକ୍ରମେ ଫେରାର ହୋଇଯାଇଥିଲେ ବୋଲି ଥାନା ଅଧିକାରୀ ଅଶ୍ୱିନ ପଟ୍ଟନାୟକ କହିଛନ୍ତି। ଏହାର କେସ୍ ନଂ. ୧୩୫/୨୨।

# ସମସ୍ୟା ସମାଧାନ ଦାବିରେ ତହସିଲଦାର ଅଟକ

କୋରାପୁଟ,୧୦।୧୦(ସ୍ୱ.ପ୍ର.)

କୋରାପୁଟ ଜିଲା ଦେଇ ଯାଉଥିବା ଭାରତମାଳା ରାସ୍ତା ନିର୍ମାଣ ନେଇ ଜିଲାର ବିଭିନ୍ନ ସ୍ଥାନରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଜିଲାର ଦଶମନ୍ତପୁର ବ୍ଲକର ପାଇକଫୁଲବେଡା ପଞ୍ଚାୟତରେ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଛି । ଏହି ରାସ୍ତା ନିର୍ମାଣରେ ପାଇକଫୁଲବେଡା ପଞ୍ଚାୟତର ୪ ଗ୍ରାମର ଗ୍ରାମବାସୀ ଅସନ୍ତୁଷ୍ଟ ହୋଇ ଗ୍ରାମବାସୀ ଓଡପୁର ଗ୍ରାମରେ ତିନି ଦିନ ଧରି ରାସ୍ତା ଅବରୋଧ କରିଥିଲେ । ସୋମବାର ଏହାର ଆପୋଷ ଆଲୋଚନା ପାଇଁ ଦଶମନ୍ତପୁର ତହସିଲଦାର ଅଜୟ ପ୍ରକାଶ ତିର୍କି ପୋଲିସ ଅଧିକାରୀଙ୍କ ସହ ଘଟଣା ସ୍ଥଳରେ ପହଞ୍ଚିଥିଲେ । ସମସ୍ୟାର ତୁରନ୍ତ ସମାଧାନ ଦାବିରେ ତହସିଲଦାରଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। । ଖବରପାଇ କୋରାପୁଟ ଏସଡିପିଓ ମୋନଜ ପୂଜାରୀ ଓ ସଦର ଥାନା ପୋଲିସ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା ଜାରି ରଖିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଗତ ମାସରେ କୋରାପୁଟ ଜିଲାର ଦଶମନ୍ତପୁର ବ୍ଲକର ପାଇକଫୁଲବେଡା ପଞ୍ଚାୟତର ସରପଞ୍ଚ ମହେଶ୍ୱର ଗାଦବା ଓ ଜିଲା ପରିଷଦ ସଭ୍ୟ ଧନପତି ସାଉଁନ୍ତା ସୋମବାର ଓଡପୁର, ବାଉଁଶଗୁଡା, ମାଝିଗୁଡା, ହାତୀମୁଣ୍ଡା ଆଦି ୪ ଗ୍ରାମର ଶତାଧିକ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଏକ ଦାବିପତ୍ର ଦେଇଥିଲେ । ଭାରତମାଳା ରାଜପଥ ପାଇଁ ଅଧିଗ୍ରହଣ କରାଯାଇଥିବା ଜମିର ସଠିକ ମୂଲ୍ୟ ପ୍ରଦାନ କରାଯାଇ ନ ଥିବା, ଅଧିଗ୍ରହଣ କରାଯାଇଥିବା ଜମିଠାରୁ ଅଧିକ ବ୍ୟବହୃତ ହୋଇଥିବା, ଜମିର ସଠିକ ଚିହ୍ନଟ କରି କାର୍ଯ୍ୟ କରାଯାଉଥିବାରୁ ଆଦିବାସୀ ଓ ଦଳିତଙ୍କ ଜମି ବେଆଇନ ଭାବେ ଦଖଲ ଓ ନଷ୍ଟ କରାଯାଉଥିବା ଅଭିଯୋଗ ହୋଇଥିଲା। ଏନେଇ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ପ୍ରକାଶ କରି ସେମାନଙ୍କ ଉପରୋକ୍ତ ଦାବି ଉପରେ ତୁରନ୍ତ ଦୃଷ୍ଟି ଦେବାକୁ ଜିଲାପାଳଙ୍କ ନିକଟରେ ଦାବି କରିଥିଲେ।

**ରାସ୍ତା ନିର୍ମାଣକୁ ନେଇ ଗ୍ରାମବାସୀ ଅସନ୍ତୁଷ୍ଟ**

